**ସଂକ୍ଷେପରେ**

## ମହିମା ଆଶ୍ରମର ବାର୍ଷିକୋତ୍ସବ

ଚିକିଟି,୧୬।୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ପେଣ୍ଠ ସ୍ଥିତ ମହିମା ଆଶ୍ରମ ପରିସରରେ ଶନିବାର ଆଶ୍ରମର ୫୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବ୍ରହ୍ମଲୀନ ଅବଧୂତ ଦିବାକର ବାବାଙ୍କ ୪ର୍ଥ ସ୍ମୃତି ଦିବସ ତଥା ମହିମା ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରକାଶିତ ବାର୍ଷିକ ମୁଖପତ୍ର ସାହିତ୍ୟ ପତ୍ରିକା ଦିବ୍ୟାଲୋକ ଲୋକାର୍ପଣ ସାଙ୍ଗକୁ ବିଶ୍ୱ ଶାନ୍ତି ମହିମା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଓଡିଶା – ଆନ୍ଧ୍ର ସୀମାନ୍ତ ଅଞ୍ଚଳର ମହିମା ଧର୍ମ ସଙ୍ଗଠକ ସାଧୁ ସୁଦର୍ଶନ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିକିଟି ଅଞ୍ଚଳର ଯୁବ ସମାଜସେବୀ ଧର୍ମା ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବରିଷ୍ଠ ସଦସ୍ୟ ସୁରେଶ ମିଶ୍ର, ଖବରଦାତା ବିଭୂଧେନ୍ଦ୍ର ପାଢ଼ୀ, ମହିମା ଧର୍ମ ବରିଷ୍ଠ ଭକ୍ତ ଏ. ମୋହନ ରାଓ ପ୍ରମୁଖ ଯୋଗଦେଇ ମହିମା ଧର୍ମ, ମହିମା ଗୋସ୍ୱାଇଁ ଏବଂ ସନ୍ଥ କବି ଭୀମ ଭୋଇଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ମହିମା ଧର୍ମ ନୀତି ଅନୁଯାୟୀ ବିଶ୍ୱ ଶାନ୍ତି ବ୍ରହ୍ମଯଜ୍ଞ ନିମନ୍ତେ ବ୍ରହ୍ମଧୂନି ସ୍ଥାପନ, ବାଲ୍ୟଲୀଳା, ପ୍ରବଚନ ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚିକିଟି ପେଣ୍ଠ ମହିମା ଚାରିଟେବୁଲ ଟ୍ରଷ୍ଟର ନୂତନ ସଭାପତି ରୂପେ ରଘୁନନ୍ଦନ ସାହୁ (ବାପି ) ଏବଂ ସମ୍ପାଦକ ରୂପେ କପିଳ ବେହେରା ମନୋନୀତ ହୋଇଛନ୍ତି। ଭକ୍ତ ବି. କପିଳେନ୍ଦ୍ର ପାତ୍ର, ବି. ସୁଦର୍ଶନ ପାତ୍ର, ଧନୁର୍ଯ୍ୟୟ ପ୍ରଧାନ, ନରସିଂହ ସାହୁ, ପ୍ରଦୀପ କୁମାର ସାହୁ, ବାୟା ବାଡ଼ତ୍ୟା ଆଦି ଭକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭତ୍ତା ୫ ହଜାରକୁ ବୃଦ୍ଧି ଦାବିରେ ସିପିଆଇର ବିକ୍ଷୋଭ

ଜୟପୁର, ୧୬।୧(ପବନ ପାଣିଗ୍ରାହୀ)



ସିପିଆଇ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଜୟପୁର ମୁଖ୍ୟ ଟ୍ରାଫିକ ଛକଠାରେ କୋରାପୁଟ ଜିଲା ସିପିଆଇ ପକ୍ଷରୁ ମଙ୍ଗଳବାର ଭତ୍ତା ବୃଦ୍ଧି କରିବାକୁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ଦାବିପତ୍ର ପ୍ରେରଣ କରାଯାଇଛି। ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଅଭିଯୋଗ କରିଛନ୍ତି ଯେ, ଜିଲାରେ ଗରିବ, ଆଦିବାସୀ ଶ୍ରେଣୀର ଲୋକମାନଙ୍କୁ ନ୍ୟାୟ ମିଳୁ ନାହିଁ । ପଡୋଶୀ ଆନ୍ଧ୍ର ପ୍ରଦେଶରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନକ୍ଷମ ଭତ୍ତା ୨୫ ଶହ ଟଙ୍କା ମିଳୁଛି। ଅନ୍ୟ ରାଜ୍ୟମାନଙ୍କରେ ୩ ହଜାରରୁ ୫ ହଜାର ପର୍ଯ୍ୟନ୍ତ ଲୋକଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ମାତ୍ର ଓଡିଶାରେ ସରକାର ଭତ୍ତା ରୂପେ ମାତ୍ର ୫ଶହ ଟଙ୍କା ଦେଉଛନ୍ତି। ଏହାକୁ ତୁରନ୍ତ ବୃଦ୍ଧି କରି ୫ ହଜାର ଟଙ୍କା ପ୍ରଦାନ କରିବା, ୫୫ ବର୍ଷ ବୟସରେ ଭତ୍ତା ଲାଗୁ କରିବା, ପ୍ରତ୍ୟେକ ଭତ୍ତାଧାରୀଙ୍କ ଘରକୁ ଭତ୍ତା ପହଞ୍ଚାଇବା ନେଇ ଦଳ ପକ୍ଷରୁ ଦାବି କରାଯାଇଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ, ନିତ୍ୟାନନ୍ଦ ପାତ୍ର, ନନ୍ଦ ହରିଜନ, ସନ୍ୟାସୀ ମାଳି, କମଳ ଲୋଚନ ସଗରିଆ ପ୍ରମୁଖ ସାମିଲ ହୋଇଥିଲେ।

# ୧୮ରୁ ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି

ଛତ୍ରପୁର,୧୬।୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

**ଗଞ୍ଜାମ ଜିଲା**

ଗଞ୍ଜାମ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଏକକାଳୀନ ଆସନ୍ତା ୧୮ ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ଜିଲା ସଂଘ ଜଣାଇଛି। ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ତରଫରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରା ନ ଯିବା ପରିତାପର ବିଷୟ । ଗଞ୍ଜାମ ଜିଲା ପ୍ରାଣୀ ଚିକିତ୍ସା ସେବା ସଂଘ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଗତ ୫ ଦଶନ୍ଧି ମଧ୍ୟରେ ରାଜ୍ୟରେ ପ୍ରାଣୀ ପାଳନର ପରିଭାଷା ବଦଳିଛି। ଏବେ ପ୍ରାଣୀ ପାଳକମାନେ ନିଶୁଳ୍କ ଚିକିତ୍ସା ସେବା, ୨୪ ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା, ଦ୍ୱାରଦେଶରେ ଚିକିତ୍ସା ଆଦି ଦାବି କରୁଥିବା ବେଳେ ବିଭାଗରେ ଏପରି ବ୍ୟବସ୍ଥା ନ ଥିବା ଦୁର୍ଭାଗ୍ୟଜନକ। ପ୍ରାଣୀ ଚିକିତ୍ସକମାନେ ବିନା ଦୋଷରେ ପ୍ରାଣୀପାଳକଙ୍କ ଆକ୍ରୋଶର ଶିକାର ହେଉଛନ୍ତି ।

ଅନ୍ୟପକ୍ଷରେ ପ୍ରାଣୀ ଚିକିତ୍ସକଙ୍କୁ ଦୀର୍ଘ ୨୨–୨୩ ବର୍ଷ ଗୋଟିଏ ଦରମା ହାରରେ କାର୍ଯ୍ୟ କରିବାକୁ ପଡୁଛି । ପ୍ରାୟ ୪୦% ଅଧସ୍ତନ କର୍ମଚାରୀ ପଦବୀ ମଧ୍ୟ ଖାଲି ପଡିଛି, ଯାହାକି ପ୍ରାଣୀ ଚିକିତ୍ସକ ମାନଙ୍କୁ ଅଧିକ ଚାପଗ୍ରସ୍ତ କରିଛି । ସେହିପରି କାର୍ଯ୍ୟ ସମୟ ପରେ ଓ ଛୁଟି ଦିନରେ ମଧ୍ୟ ସରକାରୀ କାମ ପାଇଁ ବାଧ୍ୟ କରାଯିବା, କାର୍ଯ୍ୟ ସମୟ ପରେ ପ୍ରାଇଭେଟ ପ୍ରାକ୍ଟିସ କରୁଥିବା ପ୍ରାଣୀ ଚିକିତ୍ସକ ମାନଙ୍କୁ ବିଭିନ୍ନ ପ୍ରକାରେ ହଇରାଣ ହରକତ କରାଯିବା ଯୋଗୁ ସେମାନେ ମାନସିକ ଦୁଶ୍ଚିନ୍ତାରେ ରହୁଛନ୍ତି ବୋଲି ସଂଘ ତରଫରୁ କୁହାଯାଇଛି। ସେଥିପାଇଁ ପ୍ରାଣୀ ପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହିତ ଆବଶ୍ୟକ କ୍ୟାଡ଼ର ପୁନର୍ଗଠନ ପାଇଁ ସଂଘ ଦାବି କରିଛି । ଏଥିସହ କେନ୍ଦ୍ରୀୟ ହାରରେ ଡିଏସିପି ଏବଂ ଏନପିଏ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ସଂଘ ଦାବି କରିଛି। ଏସବୁ ଦାବି ସହ ଅନ୍ୟାନ୍ୟ ଦାବି ସମ୍ପର୍କରେ କୃଷି, ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଇତ୍ୟାଦି ବହୁବାର ସଂଘ ସହିତ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଆସନ୍ତା ୧୭ ତାରିଖ ମଧ୍ୟରେ ଯଦି ସରକାର କୌଣସି ପଦକ୍ଷେପ ନ ନିଅନ୍ତି ଗଞ୍ଜାମ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଏକକାଳୀନ ୧୮ ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ଜିଲା ସଂଘର ପ୍ରତିନିଧିମାନେ ଜଣାଇଛନ୍ତି ।

## ଅନାଥ ୨ ଶିଶୁ କନ୍ୟାଙ୍କ ନିକଟରେ ପହଞ୍ଚିଲା ପ୍ରଶାସନ

**ଧରିତ୍ରୀ ପ୍ରଭାବ**

ଦଶମନ୍ତପୁର,୧୬।୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର କେ.ଦଣ୍ଡାବାଡ଼ ଗ୍ରାମରେ ଅନାଥ ହୋଇଥିବା ୨ ଶିଶୁକନ୍ୟା ୬ ବର୍ଷର ଆଇସା ଓ ୨ ବର୍ଷର ଝିଅ ଦୀପିକା ବୃନ୍ଧା ଜେଜେମା' ଓ ଜେଜେବାପାଙ୍କ ପାଖରେ ଆଶ୍ରୟ ନେଇଛନ୍ତି। ଏ ସମ୍ପର୍କରେ ୧୫ ତାରିଖରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ଉଭୟ ଶିଶୁକନ୍ୟାଙ୍କୁ ପୋଷ୍ୟ ସନ୍ତାନ କେନ୍ଦ୍ର ପକ୍ଷରୁ ଉଦ୍ଧାର କରାଯାଇଛି। ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଏହାକୁ ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟୁଇଟ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଦଶମନ୍ତପୁରସ୍ଥିତ ପୋଷ୍ୟ ସନ୍ତାନ ଯତ୍ନକେନ୍ଦ୍ର (ଆଇଡିଏସ୍ ) କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ତାଙ୍କ ନିର୍ଦ୍ଦେଶରେ ଆଇଡିଏସ୍ କର୍ମଚାରୀ ପ୍ରତାପ ଚନ୍ଦ୍ର ଜେନା ଏବଂ ପ୍ରଭାକର ସେମାର୍ଲିୟା କେ.ଦଣ୍ଡାବାଡ଼ ଗ୍ରାମକୁ ଯାଇ ଉଭୟ ଶିଶୁଙ୍କ ଜେଜେମା' ଓ ଜେଜେବାପାଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଭବିଷ୍ୟତ ଗଢ଼ିବାର ପ୍ରତିଶ୍ରୁତି ଦେଇ ଗ୍ରାମରୁ ଆଣି କୋରାପୁଟ ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ଉଭୟ ଶିଶୁଙ୍କ ନାମ ପଞ୍ଜୀକରଣ କରାଯାଇ ଦଶମନ୍ତପୁର ପୋଷ୍ୟ ସନ୍ତାନ ଯତ୍ନକେନ୍ଦ୍ରକୁ ପଠାଯିବ। ଶିଶୁଦ୍ୱୟ ସେଠାରେ ରହିବେ।

## ଶିଶୁ ମନ୍ଦିରର ବନ ମହୋତ୍ସବ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶିଶୁମାନଙ୍କ ସମେତ ଗୁରୁମା ଓ ଗୁରୁଜୀ।

ଧରାକୋଟ,୧୬।୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅନ୍ତର୍ଗତ ବରଡ଼ାବାଲି ସରସ୍ୱତୀ ଶିଶୁ ମନ୍ଦିର ଓ ଜାହାଡ଼ାର ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ମିଳିତ ବନ ମହୋତ୍ସବ କାର୍ଯ୍ୟକ୍ରମ ଖରିଗୁମାସ୍ଥିତ ହନୁମାନ ବାଟିକା ଠାରେ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ତଥା ଅନୁଷ୍ଠାନର ସମ୍ପାଦକ ନବଘନ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ପ୍ରଣତି ନାୟକ, ସହ ପ୍ରଧାନ ଅଚାର୍ଯ୍ୟା ଅନ୍ନପୂର୍ଣ୍ଣା ସ୍ୱାଇଁ, କାର୍ଯ୍ୟକର୍ତ୍ତା ସୁଧାଂଶୁ ଶେଖର ପାତ୍ର, କାର୍ଯ୍ୟଳୟ ପ୍ରମୁଖ ଆରତୀ ପ୍ରଧାନ, ରବି ନନ୍ଦନ ପ୍ରଧାନଙ୍କ ସମେତ ଉଭୟ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା ଏବଂ ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇଥିଲେ। ଶିଶୁ ମାନଙ୍କ ମଧ୍ୟରେ ଖୁସି, ମାନସିକ ଶାନ୍ତି, ସେବା ମନୋଭାବ ଜାଗ୍ରତ କରିବା, ବୌଦ୍ଧିକ ବିକାଶ ଓ ଗୁରୁପୁଜନର ମର୍ଯ୍ୟାଦା ବୃଦ୍ଧି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏପରି ବନ ମହୋତ୍ସବ କାର୍ଯ୍ୟକ୍ରମ ହେଉଛି।

## ଚକରା ବିଷୋୟୀ ଜୟନ୍ତୀ ସପ୍ତାହ ପାଳିତ

ବେଲଗୁଣ୍ଠା,୧୬।୧(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ମକର ସଂକ୍ରାନ୍ତି ଅବସରରେ ଗୋବରା ସାହିତ୍ୟ ଘର ଏବଂ ଚକରା ବିଷୋୟୀ ସାଂସ୍କୃତିକ ପରିଷଦ ମିଳିତ ଆନୁକୂଲ୍ୟରେ ବଡ଼ ଦୋଡ଼ଙ୍ଗାସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚକରା ବିଷୋୟୀ ଜୟନ୍ତୀ ଉତ୍ସବ ପାଳନ କରାଯିବା ସହ ମକର ମିଳନ ଉତ୍ସବ ତଥା ବ୍ୟାସକବି ଫକୀର ମୋହନ ଜୟନ୍ତୀ ଏବଂ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ସାହିତ୍ୟ ଘର ସଭାପତି ଅଭିମନ୍ୟୁ ଦଳାଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଗୁରୁମୂର୍ତ୍ତି ନାୟକ ଏବଂ ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କବିରାଜ ପରିଡ଼ା, ରେସ୍ପେକ୍ଟ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱସ୍ତି ସୁନ୍ଦର ସିଅ, ଶିକ୍ଷାବିତ୍ କୁଞ୍ଜବିହାରୀ ନାୟକ, ସାହିତ୍ୟ ଘର ସମ୍ପାଦକ ଡ.ରତ୍ନସାଗର ମଳିକ ପ୍ରମୁଖ ମଞ୍ଚାସୀନ ଥିଲେ। ସାହିତ୍ୟ ଘର ସହ ସମ୍ପାଦକ ଶିଶିର କୁମାର ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସ୍ଥିତପ୍ରଜ୍ଞା ମହାରଣା ଏବଂ ଚିନ୍ମୟ ପ୍ରସାଦ ପରିଡ଼ା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ଡ. ରତ୍ନସାଗର ମଳିକ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ସାହିତ୍ୟ ଘରର ବାର୍ଷିକ ପତ୍ରିକା ପ୍ରେରଣା ଏବଂ ଅନୁଷ୍ଠାନ ସଭାପତି ଅଭିମନ୍ୟୁ ଦଳାଇଙ୍କ ରଚିତ 'ଚରିତ୍ର ନ ଥିଲେ ସବୁ ଅସାର' ଓ ମହାପୁରୁଷଙ୍କ ମହତବାଣୀ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଶିଶିର କୁମାର ସ୍ୱାଇଁଙ୍କ ସଂଯୋଜନାରେ ପ୍ରମଦା ସାହୁ, ସ୍ଥିତପ୍ରଜ୍ଞା ମହାରଣା, ମାଣିକ ବଳ, ଚିନ୍ମୟ ପ୍ରସାଦ ପରିଡ଼ା, ଶରତ ଚନ୍ଦ୍ର ଦାସ, ପୂଜାରାଣୀ ପ୍ରଧାନ, ଅଶୋକ କୁମାର ଗୌଡ଼, ଚନ୍ଦ୍ରମଣି ଲେଙ୍କା, ସ୍ୱସ୍ତି ସୁନ୍ଦର ସିଅ, ନେତାଜୀ ବିଷୋୟୀ, ସୁବାସ ଚନ୍ଦ୍ର ତାରିଣୀ, ସଞ୍ଜୟ କୁମାର ମେହେର, କବିରାଜ ପରିଡ଼ା, ଶିଶିର କୁମାର ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ତ୍ରିନାଥ ଲେଙ୍କାଙ୍କୁ କାର୍ଯ୍ୟକ୍ରମର ଭାଗ୍ୟଶାଳୀ ବିଜେତା ଘୋଷଣା କରାଯାଇଥିଲା। ଅଧ୍ୟାପକ ଦିବ୍ୟଲୋଚନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ମାଲକାନଗିରି,୧୬।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲା ସଂଯୋଜକ ଚିତ୍ତରଞ୍ଜନ ପଟ୍ଟନାୟକ ମଙ୍ଗଳବାର ପଦ୍ମଗିରି ଜିଲା ପରିଷଦ ଜୋନ୍ ୧ ର ୭ ପଞ୍ଚାୟତ ଗସ୍ତକରି ଆମ ଓଡ଼ିଶା ନବୀନ ଓଡ଼ିଶା ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ପଦ୍ମଗିରି ଜିଲା ପରିଷଦ ଜୋନ୍ର ୭ ପଞ୍ଚାୟତ ପଦ୍ମଗିରି, ଉଡୁପା, ଝରାପାଲ୍ଲୀ, ପେଡା କୋଣ୍ଡା, ସିନ୍ଧ୍ରିମାଲ, ଗୌଡ଼ଗୁଡା ଓ ତାମସା ପଞ୍ଚାୟତର ସମସ୍ତ ଗ୍ରାମରେ ପହଞ୍ଚି ସ୍ଥାନୀୟ ଗ୍ରାମ କମିଟି ବୃନ୍ଦଙ୍କ ସହ ସାକ୍ଷାତ ଓ ବିଶେଷ ଆଲୋଚନାକରି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟ ଶୀଘ୍ର ଶେଷକରିବା ପାଇଁ ସମସ୍ତ ଗ୍ରାମ କମିଟି ବୃନ୍ଦଙ୍କୁ ଅନୁରୋଧ କରିଛନ୍ତି । ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟର ସ୍ଥିତି ଅନୁଧ୍ୟାନ ଓ ଉନ୍ନୟନ କାର୍ଯ୍ୟର ତଦାରଖ ସମୟରେ ପଦ୍ମଗିରି ଜିଲା ପରିଷଦ ସଭ୍ୟା କୁନି ଭୂମିଆ, ଜିଲା ଯୁବ ସମ୍ପାଦକ ବସନ୍ତ ନାୟକ, ମିଡିଆ ସଂଯୋଜକ ସଦାନନ୍ଦ ଖରା, ସ୍ଥାନୀୟ ସମସ୍ତ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।


ଲୋକଙ୍କ ସହ ନବୀନ ଓଡ଼ିଶା ଜିଲା ସଂଯୋଜକ ।

## ବଜ୍ରକାପ୍ତା କାଠି ବିକ୍ରିବେଳେ ଚଢ଼ାଉ, ୫ ଗିରଫ

ନବରଙ୍ଗପୁର,୧୬।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବନାଞ୍ଚଳ ଅଧିନ ତାରାଗାଁ କାଜୁବାଡରେ ବଜ୍ରକାପ୍ତା କାଠି ବିକ୍ରି କରୁଥିବାବେଳେ ବନ ବିଭାଗ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋରାପୁଟ ଜିଲା ତଲଲିମିକା ଗାଁର ରାମଚନ୍ଦ୍ର ମୁଦୁଲି, କେଲାଗୁଡା ଗାଁର ଲଳିତ ଭତ୍ରା, ମଦେଇଗୁଡା ଗ୍ରାମର ମଗ୍ଗୁଲୁ ଜାନୀ, ବଙ୍ଗଳାଗୁଡା ଗ୍ରାମର ଦୁର୍ଯ୍ୟଧନ ଗେଡ, ବଣ୍ଡାମାଲିଗୁଡା ଗ୍ରାମର ଟଙ୍କଧର ଭୋଇ। ସେମାନଙ୍କ ନିକଟରୁ ୧୬ଟି ବଜ୍ରକାପ୍ତା କାଠି, ୫ ମୋବାଇଲ, ୪ଟି ବାଇକ୍ ଜବତ କରିଛି। ଏହି ବଜ୍ରକାପ୍ତା କାଠି ବୋରିଗୁମ୍ମା ଅଞ୍ଚଳରୁ ଅଣାଯାଇଥିଲା ଏବଂ ୪ ଲକ୍ଷ ୮୦ ହଜାର ଟଙ୍କାରେ ବିକ୍ରି ହୋଇଥାନ୍ତା ବୋଲି ଡିଏଫଓ ଶୁଭେନ୍ଦୁ ପ୍ରସାଦ ବେହେରା ସୂଚନା ଦେଇଛନ୍ତି। ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ କୋଡିଗାଁ ବନାଞ୍ଚଳ, ରାଇଘର ବନାଞ୍ଚଳ ଏବଂ ନବରଙ୍ଗପୁର ପୋଲିସର ଭାଗ ନେଇଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର, ସହ ବନସଂରକ୍ଷକ ମନସୁନ ଖେମୁଣ୍ଡୁ, କୋଡିଗାଁ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ନବରଙ୍ଗପୁର ରେଞ୍ଜର ଗୋପିନାଥ ସାହୁ, ନବରଙ୍ଗପୁର ଥାନା ଏସଆଇ ଦେବାଶିଷ ସାହୁ, ବନପାଳ ଏ.ବେରାଗୀ, ଗୋବିନ୍ଦ ନାୟକ, ହରିହର ବ୍ରହ୍ମା, ପ୍ରଭାତ ବିଷୋୟୀ, କାମାକ୍ଷା ପ୍ରସାଦ ସ୍ୱାଇଁ, ରମେଶ ବିଷୋୟୀ, ଲାଲୁ ବିଷୋୟୀ, ଭବାନୀ ବିଷୋୟୀ, ଦୀପକ ପ୍ରଧାନ, ଶୁଭାଶିଷ ନାୟକ, ଉମାଶଙ୍କର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ୪୦ ଅଭିଯୋଗ ଶୁଣିଲେ ଜିଲାପାଳ

ପଡ଼ିଆ,୧୬।୧(ଭାସ୍କର ରାଓ)

ପଡ଼ିଆ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଜିଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୪୦ ଅଭିଯୋଗ ଶୁଣିଥିଲେ । ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକମାନେ ସେମାନଙ୍କ ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କୁ ଗୁହାରି କରିଥିଲେ । ଅଭିଯୋଗ ମଧ୍ୟରେ ଗ୍ରାମର ରାସ୍ତାଘାଟ,ଭତ୍ତା,ଆବାସ ଯୋଜନା ଓ ଲକ୍ଷ୍ମୀ ବସ୍ ବ୍ଲକଠାରୁ ମାଟେରୁ ଗ୍ରାମ ଦେଇ ମାଲକାନଗିରି ଜିଲା ସହ ସଂଯୋଗ କରିବା ପାଇଁ ମାଟେରୁ ସରପଞ୍ଚଙ୍କ ସମେତ ଅଞ୍ଚଳବାସୀ ଗୁହାରି କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଅତିରିକ୍ତ ଏସ୍‌ପି ତପନ ନାରାୟଣ ରଥ, ମୋଟୁ ତହସିଲଦାର ଦୁର୍ଗାପ୍ରସାଦ ଦୋରା, ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କ ସମେତ ସମସ୍ତ ତୃଣମୂଳସ୍ତରର ପ୍ରତିନିଧି ଉପସ୍ଥିତ ଥିଲେ। ଜିଲା ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ ।

# ପାର୍ଥସାରଥୀ ମନ୍ଦିରର ଉନ୍ନତି ପାଇଁ ବୈଠକ



ପାତ୍ରପୁର,୧୬।୧(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ସାରଥୀ ଧାମ ଭାବେ ପରିଚିତ ଜରଡ଼ା ପାର୍ଥସାରଥୀ ମନ୍ଦିର ଉନ୍ନତି ପାଇଁ ଅଞ୍ଚଳର ଯୁବ ଗୋଷ୍ଠୀଙ୍କ ପ୍ରୟାସରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅସ୍ଥାୟୀ ସଭାପତି କାଳୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ମନ୍ଦିରର ଉନ୍ନତୀକରଣ ଓ ନୂତନ ରଥ ନିର୍ମାଣ ପାଇଁ ଆଲୋଚନା ହୋଇଥିଲା।

ଏହି ଅବସରରେ ୭ ଜଣିଆ କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ଏହି କମିଟି ଅଞ୍ଚଳର ବିଭିନ୍ନ ଗ୍ରାମ ବୁଲି ବୁଦ୍ଧିଜୀବୀ ମାନଙ୍କୁ ଆମନ୍ତ୍ରିତ କରାଇ ଏକ ବୈଠକ ଅନୁଷ୍ଠିତ କରିବା ପାଇଁ ଦାୟିତ୍ୱ ପ୍ରଦାନ କରଯାଇଥିଲା। ପରବର୍ତ୍ତୀ ବୈଠକରେ ମନ୍ଦିର ଉନ୍ନତି ପାଇଁ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ବୈଠକରେ ଅଞ୍ଚଳର ଯୁବ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ନୂଆ– ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ

ନବରଙ୍ଗପୁର/ଉମରକୋଟ,୧୬।୧
(ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ)



ନବରଙ୍ଗପୁର କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ନୂଆ – ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟନ କାର୍ଯ୍ୟକ୍ରମ ନବରଙ୍ଗପୁର ଓ ଉମରକୋଟରେ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସରକାରଙ୍କ ଏହି ଅଭିନବ ଯୋଜନାକୁ ଅତିଥିମାନେ ପ୍ରଶଂସା କରି ଜଗନ୍ନାଥ ସଂସ୍କୃତି ଉପରେ ମତ ଦେଇଥିଲେ।

ନବରଙ୍ଗପୁର କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ମୁଖ୍ୟ ଅତିଥି, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡି. ଗୋବିନ୍ଦା ରାଓ, ଇତିହାସ ବିଭାଗ ମୁଖ୍ୟ ସଙ୍ଗୀତା ତ୍ରିପାଠୀ, ଅର୍ଥନୀତି ବିଭାଗ ମୁଖ୍ୟ ଦିଲୀପ ହୋତା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ଼. ନନ୍ଦିତା ମିଶ୍ର ୫ ଦିନ ଧରି ହେବାକୁ ବିଭିନ୍ନ ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଶମ୍ଭୁ ପ୍ରସାଦ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରମାନେ ଓଡ଼ିଆ ଭଜନ ଓ ଲୋକନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରିୟବ୍ରତ ସାହୁ ଧନ୍ୟବାଦ ଦେଇଥିଲେ।

ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ଼. ଅନୀଲ ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟର ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସରକାର ପ୍ରଣୟନ କରିଥିବା ନୂଆ–ଓ କାର୍ଯ୍ୟକ୍ରମରେ ଯୁବପିଢ଼ି ନିଜ ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତା ଓ ମୂଲ୍ୟବୋଧ ପ୍ରଦର୍ଶନ କରିବା ପାଇଁ ଅତିଥିମାନେ ମତ ଦେଇଥିଲେ। ଯୁବବର୍ଗ ଦାୟିତ୍ୱବାନ ଓ ପାରଦର୍ଶୀ ହୋଇ ନିଜ ଭବିଷ୍ୟତ ଗଢ଼ିତୋଳନ୍ତୁ ବୋଲି ଶିକ୍ଷାବିତ ପ୍ରଫୁଲ୍ଲ ରାଉତ, ପ୍ରଧାପକ ସୋରଜକାନ୍ତ ପଟ୍ଟନାୟକ, ଶାନ୍ତିଲତା ମହାନ୍ତି, ଆଇନଜୀବୀ ତଥା ସାହିତ୍ୟିକ ଶ୍ରୀନିବାସ ପଟ୍ଟନାୟକ ଓ ଚନ୍ଦନା ମଲ୍ଲିକ ପ୍ରମୁଖ ମତ ଦେଇଥିଲେ। ଶେଷାନନ୍ଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିନ୍ଦ୍ର ମିଶ୍ର, ଦିବାକର ପଟ୍ଟନାୟକ, ଚିନ୍ମୟ ରାଉତ, ସମିର ମହାନ୍ତି, ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଉମରକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## କାଗଜକଳ ଶ୍ରମିକଙ୍କ ଇପିଏଫ ସମସ୍ୟା ସମାଧାନ ହେଲା

ଜୟପୁର,୧୬।୧(ପବନ ପାଣିଗ୍ରାହୀ)

ଦୀର୍ଘ ୪ ବର୍ଷ ହେଲା ସେବା କାଗଜ କଳ ମଦର୍ ଆର୍ଥ କମ୍ପାନୀକୁ ବିକ୍ରି ହେଲା ପରେ ଶ୍ରମିକମାନଙ୍କ ଇପିଏଫ ସମସ୍ୟା ଲାଗି ରହିଥିଲା । ପୂର୍ବ କମ୍ପାନୀ, ବର୍ତ୍ତମାନ କାରଖାନା ଚଳାଉଥିବା ମ୍ୟାନେଜମେଣ୍ଟ ଓ ଶ୍ରମ ବିଭାଗ ସହ ଅନେକଥର ଆଲୋଚନା ପରେ ସମସ୍ୟା ସମାଧାନ ହୋଇ ନ ଥିଲା। ପୂର୍ବରୁ କେସିଟି ଟ୍ରଷ୍ଟ କୋଲକାତାକୁ ଇପିଏଫ ଟଙ୍କା ଯାଉଥିଲା ସେଠି ଜମାଥିବା ୧୨୨୨ ଜଣଙ୍କ ପ୍ରାୟ ୩ କୋଟି ଟଙ୍କା ବ୍ରହ୍ମପୁର ଆଞ୍ଚଳିକ ପିଏଫ ଅଫିସକୁ ସ୍ଥାନାନ୍ତର ହୋଇପାରି ନ ଥିଲା। ବହୁ ଆନ୍ଦୋଳନ ପରେ ଏବେ ସମସ୍ୟା ସମାଧାନ ହୋଇଛି। ମଙ୍ଗଳବାର କଲିକତା ଆଞ୍ଚଳିକ ଇପିଏଫ କମିଶନ ଅଫିସ ଇପିଏଫ ଜମାରାଶି ବ୍ରହ୍ମପୁରକୁ ସ୍ଥାନାନ୍ତର ପାଇଁ ଅନୁମୋଦନ କରିଛନ୍ତି । କିଛି ଦିନ ମଧ୍ୟରେ ଶ୍ରମିକମାନେ ସେମାନଙ୍କ କଷ୍ଟାର୍ଜିତ ଇପିଏଫ୍ ବାବଦ ଅର୍ଥ ପାଇବେ। ପେନସନ ପାଇବା ପାଇଁ ଆବେଦନ କରି ପାରିବେ ବୋଲି ଶ୍ରମିକ ନେତା ପ୍ରମୋଦ ମହାନ୍ତି ପ୍ରକାଶ କହିଛନ୍ତି।

# ଲମତାପୁଟ ଫାଣ୍ଡି ଅଧିକାରୀ, ହାବିଲଦାରଙ୍କ ସହ କନଷ୍ଟେବଲଙ୍କୁ ବଦଳି

**ନିର୍ଦ୍ଦୋଷଙ୍କୁ ଥାର୍ଡଡିଗ୍ରୀ ମହଙ୍ଗା ପଡ଼ିଲା**

ନନ୍ଦପୁର, ୧୬।୧ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ମାଛକୁଣ୍ଡ ପୋଲିସ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଥାନା ହାଜତରେ ଥାର୍ଡ ଡିଗ୍ରୀ ପ୍ରୟୋଗ କରିବା ଘଟଣାରେ ପୀଡ଼ିତ ଦକ୍ଷିଣାଞ୍ଚଳ ଡିଆଇଜିଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ। ଏହି ଘଟଣାରେ ଜିଲା ପୋଲିସ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଡିଆଇଜି ଚରଣ ସିଂ ମିନାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କିଶୋର ଦାସ ମାଛକୁଣ୍ଡ ଥାନା ଓ ଲମତାପୁଟ ଫାଣ୍ଡି ପରିଦର୍ଶନ କରି ଘଟଣାର ତଦନ୍ତ କରିଥିଲେ। ଥାନା ଓ ଫାଣ୍ଡି ଅଧିକାରୀଙ୍କ ସମେତ ଅଭିଯୋଗକାରୀ ପି.ଶିବାଙ୍କ ସହ ଆଲୋଚନା କରି ପ୍ରାଥମିକ ତଦନ୍ତ ରିପୋର୍ଟ ଡିଆଇଜିଙ୍କୁ ପ୍ରଦାନ କରିଥିଲେ। ଡିଆଇଜି ମୀନାଙ୍କ ନିର୍ଦ୍ଦେଶରେ ଏସ୍‌ପି ଅଭିନବ ସୋନକାର ଲମତାପୁଟ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ, ହାବିଲଦାର ଜଗଦିଶ ମୋହନ ବାଗ ଓ କନଷ୍ଟେବଲ ଭୁବନ ନାୟକଙ୍କୁ କୋରାପୁଟ ପୋଲିସ ହେଡକ୍ୱାର୍ଟରକୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଏହି ୩ କର୍ମଚାରୀଙ୍କୁ କୌଣସି ଛୁଟି ପ୍ରଦାନ ନ କରିବାକୁ କୁହାଯାଇଛି। ତଦନ୍ତ ପ୍ରକ୍ରିୟା ଜାରି ରହିଛି। ପ୍ରକ୍ରିୟା ଶେଷ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।


Draft D.O. No. 80 Dtd. 15 .01.2024

SI Chittaranjan Pradhani of Lamtaput B.H is withdrawn to Hdqrs. R.O. Koraput until further orders.

To be relieved immediately.

R.O. to enter in D.O.

Sd/-
Superintendent of Police
Koraput

Memo No. 104 /R.O. Dated. 16 01.2024

Copy to SDPO Nandapur / Jeypore / DSP DIB/ IIC Kundra / R.I. Koraput / OIC Machhkund PS / Pay Acct. DPO / Con Reader, Koraput for information and necessary action. The date of relieve and joining may kindly be intimated to this office for record and reference.

Superintendent of Police
Koraput

ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଚିଠି ।

**ରନ୍ଧା ମଦ ଜବତ, ୩ ଗିରଫ**

ଆସିକା, (ସୁରେନ୍ଦ୍ର ନାଥ ସାହୁ)- ଆସିକା ପୋଲିସ ପକ୍ଷରୁ ମଙ୍ଗଳବାର ସହର ଉପକଣ୍ଠ ଗଣ୍ଡପଲ୍ଲୀ ଓ ଠେଙ୍ଗାପଲ୍ଲୀଠାରେ ଥିବା ଏକ ରନ୍ଧାମଦ ଭାଟି ଉପରେ ଚଢାଉ କରାଯାଇଥିଲା । ଏହି ଚଢ଼ାଉରେ ୩୫୦୦ ଲିଟର ପୋଚ ନଷ୍ଟ କରାଯାଇଥିଲା ବେଳେ ୨୨୦ ଲିଟର ରନ୍ଧା ମଦ ଜବତ କରାଯାଇଛି ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଆରମ୍ଭ ସ୍ଥାନ-ବ୍ରହ୍ମପୁର ରେଳ ଷ୍ଟେଶନ, ସମୟ-ପୂର୍ବାହ୍ନ ୧୧ଟା ।

ବୁଗୁଡ଼ା
- ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ଥାନ-ଅନ୍ତରପଡା, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା

## ସଂକ୍ଷେପରେ

### ସିପିଆଇ(ଏମ) ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ଯୋଗଦେବନି

ବ୍ରହ୍ମପୁର,୧୬।୧(ନରସିଂହ ସାହୁ)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ଉଦ୍ୟୋକ୍ତାଙ୍କ ପକ୍ଷରୁ ସିପିଆଇ(ଏମ)କୁ ନିମନ୍ତ୍ରଣ କରାଯାଇଛି । ଏକ ଧର୍ମୀୟ କାର୍ଯ୍ୟକ୍ରମକୁ ସରକାରୀ କାର୍ଯ୍ୟକ୍ରମରେ ପରିଣତ କରାଯାଇ ରାଜନୈତିକ ଫାଇଦା ନେବା ଉଦ୍ଦେଶ୍ୟ ରହିଛି । ତେଣୁ କାର୍ଯ୍ୟକ୍ରମରେ ଯୋଗ ନ ଦେବାକୁ ପାର୍ଟି ନିଷ୍ପତ୍ତି ନେଇଛି । ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ ବ୍ରହ୍ମପୁରରେ ମଙ୍ଗଳବାର ଏହା କହିଛନ୍ତି । ତେବେ ନିମନ୍ତ୍ରଣ ପାଇଁ ଆୟୋଜକଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି ।

### ଲୁଟେରା ରାଜେଶ ପଳାତକ ଘୋଷିତ

ବ୍ରହ୍ମପୁର,୧୬।୧(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଲୁଟ ମାମଲାରେ ସଂପୃକ୍ତ ଥାଇ ଫେରାର ଥିବା ଖାଲାସୀ ସାହିର ପି. ରାଜେଶ କୁମାରଙ୍କୁ ଟାଉନ ଥାନା ପୋଲିସ ମଙ୍ଗଳବାର କୋର୍ଟ ନିର୍ଦ୍ଦେଶରେ ପଳାତକ ଘୋଷଣା କରିଛି । ୯୦ ଦିନ ଭିତରେ ରାଜେଶଙ୍କୁ କୋର୍ଟରେ ହାଜର ହେବାକୁ ପଡିବ । ନଚେତ କୋର୍ଟ ନିର୍ଦ୍ଦେଶରେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ପୋଲିସ ଉକ୍ତ ସାହିରେ ଘୋଷଣା କରିଛି । ରାଜେଶ ୨୦୧୩ରେ ଏକ ଲୁଟ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ । ପରେ ସେ ଜାମିନରେ ଆସିଥିଲେ ମାମଲାର ବିଚାର ବେଳେ କୋର୍ଟରେ ହାଜର ହୋଇନଥିଲେ ।

### ପଳାତକ ଘୋଷିତଙ୍କ ସମ୍ପତ୍ତି ବାଜ୍ୟାପ୍ତି ଘୋଷଣା

ଦିଗପହଣ୍ଡି,୧୬।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ବୃନ୍ଦାବନ ପଲ୍ଲୀ ଗ୍ରାମର ପ୍ରଦୀପ ମାଝୀ ଏକ ଅପହରଣ, ଆକ୍ରମଣ ଓ ଧମକ ମାମଲାରେ ଅଭିଯୁକ୍ତ ଥାଇ କୋର୍ଟରେ ହାଜର ହେଉନଥିବା ଅଭିଯୋଗରେ ଦିଗପହଣ୍ଡି କୋର୍ଟ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯିବା ସହ ତାଙ୍କୁ ପଳାତକ ଘୋଷଣା କରାଯାଇଛି । ମଙ୍ଗଳବାର ଦିଗପହଣ୍ଡି ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳେ ଅଭିଯୁକ୍ତଙ୍କ ଘର ନିକଟକୁ ଯାଇ ତାଙ୍କ ପରିବାର ସଦସ୍ୟ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଆସନ୍ତା ୧ ମାସ ଅବଧି ମଧ୍ୟରେ ତାଙ୍କୁ ସମ୍ପୃକ୍ତ କୋର୍ଟରେ ହାଜର ହେବା ଲାଗି ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ତାଗିଦ୍ କରାଯାଇଛି । ଅଭିଯୁକ୍ତ ପ୍ରଦୀପ କେ.ନୂଆଗାଁ ଥାନା ମାମଲା ନଂ.୬୦/୧୬ (ଦିଗପହଣ୍ଡି କୋର୍ଟ ଜି.ଆର କେସ ନଂ.୯୦/୧୬) ଅନୁଯାୟୀ କୋର୍ଟରେ ହାଜର ନହେଲେ ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ଆଇଆଇସି ସୂଚନା ଦେଇଛନ୍ତି ।

### ସାହିତ୍ୟ ପ୍ରତିଯୋଗିତା, ଆଲୋଚନାଚକ୍ର ଉଦ୍‌ଘାଟିତ

ଖଲ୍ଲିକୋଟ,୧୬।୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପରିପ୍ରେକ୍ଷୀରେ ସାହିତ୍ୟ ପ୍ରତିଯୋଗିତା ତଥା ଆଲୋଚନାଚକ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ସୁରେନ୍ଦ୍ର କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ତ୍ରିନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ନାକ୍ ସଂଯୋଜକ ବିଜୟ ଚନ୍ଦ୍ରାକ୍ଷ ଦେଓ କାର୍ଯ୍ୟକ୍ରମ ବିଷୟରେ କହିଥିଲେ । ନୋଡାଲ ଅଫିସର ଟି. ଅକ୍ଷୟ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା କେନ୍ଦ୍ରର ସଚିବ ଡ ସୁବ୍ରତ କୁମାର ପୃଷ୍ଟି ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ ଶର୍ମିଷ୍ଠା ମହାପାତ୍ର ଯୋଗଦେଇ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ସାହିତ୍ୟ କିପରି ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ ତାହା ଉଲ୍ଲେଖ କରିଥିଲେ । ଅଧ୍ୟାପିକା ଶୁଭଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୫୬ ବର୍ଷର ବ୍ରହ୍ମପୁର ସହର | ବାଟ ହୁଡ଼ିଛି ସ୍ୱଚ୍ଛତା

ବ୍ରହ୍ମପୁର,୧୬।୧(ଅଶୋକ କୁମାର ସାହୁ)

୧୫୬ ବର୍ଷର ବ୍ରହ୍ମପୁର ସହର ଶ୍ରେଷ୍ଠ, ସ୍ମାର୍ଟ ଓ ସ୍ୱଚ୍ଛତାର ପରିଚୟ ପାଇଛି । ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ରେ ବ୍ରହ୍ମପୁର ରାଜ୍ୟରେ ୪ର୍ଥ ହୋଇଥିବାବେଳେ ଜାତୀୟସ୍ତରରେ ୧୧୧ ର୍‍ୟାଙ୍କ ଛୁଇଁଛି । କିନ୍ତୁ ସ୍ୱଚ୍ଛତା କ୍ଷେତ୍ରରେ ବାସ୍ତବତା ଭିନ୍ନ ରହିଛି । ଗ୍ରାଉଣ୍ଡ ଜିରୋରୁ ଅନୁସନ୍ଧାନ ପରେ ସହରର ପ୍ରମୁଖ ରାସ୍ତାକୁ ଛାଡିଦେଲେ ଗଳିକନ୍ଦିର ଖାଲି ସ୍ଥାନଗୁଡିକରେ ଆବର୍ଜନା ଗଦା ହେଉଛି । ଲୋକଙ୍କ ସଚେତନତା ଅଭାବ ହେଉ କିମ୍ବା ବିଏମ୍‌ସିର ଅପାରଗତା କେଉଁଠି ନା କେଉଁଠି କେଁ ରହୁଥିବା ଏଥିରୁ ସ୍ପଷ୍ଟ ହୋଇଛି ।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସଫେଇ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ବି ସ୍ୱଚ୍ଛତା ଆସୁନି । କୋର୍ଟପେଟା ଛକରୁ ଗେଟବଜାର ଗଲାବେଳେ ଶିବ ମନ୍ଦିର ନିକଟ ଖାଲି ଜାଗାରେ ଆବର୍ଜନା ପଡିଛି । ସେଠାରେ ଲୋକେ ପରିସ୍ରା ବି କରୁଛନ୍ତି । ଭାପୁର ବଜାରରୁ ନିମଖଣ୍ଡି ଥାନା ଦେଇ ଆସ୍କାରୋଡକୁ ବାହାରିବାବେଳେ ମୁଖ୍ୟ ରାସ୍ତାରେ ଆବର୍ଜନା ପଡିଛି । ସହର ମଝିରେ ଭଙ୍ଗା ଯାଇଥିବା ଭିକ୍ଟୋରିଆ ମାର୍କେଟର ବିସ୍ତୀର୍ଣ୍ଣ ଜାଗାରେ ଆବର୍ଜନା ଗଦା ହେଉଛି । ଉତ୍କଳ ସିନେମା ରୋଡ ଦେଇ କୁଠାରୀ ମନ୍ଦିର ହୋଇ ପୁରୁଣା ବ୍ରହ୍ମପୁରକୁ ବାହାରିବା ବେଳେ ସବୁଠି ଆବର୍ଜନା ଗଦା ହୋଇ ରହିଛି । ସ୍ୱଚ୍ଛତା ସମ୍ପର୍କରେ ଯାହାକୁ ପଚାରିଲେ ବି ସମସ୍ତେ କହୁଛନ୍ତି ଏ କି ସ୍ୱଚ୍ଛତା । ଆସିକା ରୋଡ ତାଲୁକା ବନ୍ଧ ଛକ ବିଶ୍ରାମାଗାର ନିକଟରେ ଦୟନୀୟ ଅବସ୍ଥାରେ ଏକ ଶୌଚାଳୟ ଥିବାବେଳେ ସେଠାରେ ବି କୁଢ଼ କୁଢ଼ ଆବର୍ଜନା । ଯାତ୍ରୀମାନଙ୍କୁ ପଚାରିଲେ ଅନ୍ୟ କେଉଁଠି ଅପେକ୍ଷା କଲେ ବସ ରଖୁନି । ତେଣୁ ପୁତିଗନ୍ଧମୟ ପରିବେଶରେ ଅପେକ୍ଷା କରିବାକୁ ବାଧ ହେଉଛୁ ବୋଲି କହିଛନ୍ତି । ବ୍ରହ୍ମପୁରର ଏକି ସ୍ୱଚ୍ଛତା ବୋଲି ପ୍ରଶ୍ନ କରୁଛନ୍ତି । ସେହିପରି ଧାନମେରା ସାହି ନିକଟ ଶୌଚାଳୟରେ ତାଲା ଝୁଲୁଛି । କର୍ପୋରେଶନ ରୋଡ ବିଜୁ ପଟ୍ଟନାୟକ ପାର୍କ ନିକଟ ଶୌଚାଳୟକୁ ପରିସ୍ରା କରିବାକୁ ଯିବା ବେଳେ ସେଠାରେ ଥିବା ସଫେଇ କର୍ମଚାରୀ ମନା କରିଥିଲେ । କାହିଁକି ବୋଲି ପଚାରିବାରୁ ସେ କହିଥିଲେ ଭାଙ୍ଗିରୁଜି ଯାଇଛି । ମରାମତି ହେଲେ ଖୋଲାଯିବ । ତାଲୁକା ବନ୍ଧ ନିକଟ ଫୁଲସୁନ୍ଦରୀ ସାହିରେ ପଡିଥିବା ଆବର୍ଜନା ପୋଡା ଚାଲିଥିବା ଦେଖିବାକୁ ମିଳିଛି । ସେଠାକାର ଲୋକଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ, ଆବର୍ଜନା ଉଠୁନି । ଅଞ୍ଚଳ ଗନ୍ଧରେ ଫାଟି ପଡୁଛି । ତେଣୁ ପୋଡିବାକୁ ବାଧ ହେଉଛୁ ବୋଲି କହିଥିଲେ ।କକ

ଅନ୍ୟପକ୍ଷରେ ସ୍ୱଚ୍ଛତାକୁ ବ୍ୟାପକ କରିବା ପାଇଁ ଗତ ୧ ତାରିଖରେ ବିଏମ୍‌ସି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କମିଶନର ଜେ. ସୋନଲ କହିଥିଲେ ଯେ, ପୂର୍ବରୁ ନିଗମ ପକ୍ଷରୁ ୫୩ ଆବର୍ଜନା ସଂଗ୍ରହ ଗାଡିଥିଲା । ଏହାକୁ ୧୩୨କୁ ବୃଦ୍ଧି କରାଯାଇଛି । ଯାହାକି ଆସନ୍ତା ୨୬ ତାରିଖରେ ଉଦଘାଟିତ ହେବ । ବର୍ତ୍ତମାନ ୯୦୦ ସଫେଇ କର୍ମଚାରୀ ଥିବାରୁ ଆର୍ବଜନା ଉଠିବା ସମସ୍ୟା ହେଉଛି । ତେଣୁ ଆଉ ୧୩୦୦ ସଫେଇ କର୍ମଚାରୀ ନିୟୋଜିତ ହେବେ । ଏହା ପୂର୍ବରୁ ୱାର୍ଡସ୍ତରରେ ସ୍ୱଚ୍ଛତା ଆଣିବା ପାଇଁ କର୍ପୋରେଟରମାନଙ୍କୁ ନେଇ ଏକ ଶିବିର କରାଯାଇଥିଲା । ସେଥିରେ ବି କର୍ପୋରେଟରଙ୍କୁ ଏ ନେଇ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା । ଏଥି ସହିତ ସହରରେ ସ୍ୱଚ୍ଛତା ଆଣିବା ପାଇଁ ସ୍ୱଚ୍ଛ ସାଥିଙ୍କୁ ବି ନିଯୁକ୍ତ କରାଯାଇଛି । ତଥାପି ସହରର ପରିମଳ ବ୍ୟବସ୍ଥା ସଜାଡ଼ି ହୋଇପାରୁନାହିଁ ।


ଆବର୍ଜନାଘେରରେ ତାଲୁକା ବନ୍ଧ ଛକ ନିକଟ ଶୌଚାଳୟ ।


ଶିବ ମନ୍ଦିର ନିକଟରେ ପଡିଥିବା ଆବର୍ଜନା ।

## ଆମେ ଭେଟିଥିଲୁ

ସହରରେ ପଡିଥିବା ଆବର୍ଜନା ସ୍ଥାନରେ ଯଦି ଲୋକେ ପରିସ୍ରା କରିବେ ତେବେ ମୂତ୍ରାଶୟଜନୀତ ରୋଗ ହେବ । ଦୁର୍ଗନ୍ଧ ବାୟୁ ଯୋଗୁ ରୋଗ ପ୍ରତିରୋଧକ ଶକ୍ତି କମିଯିବ । ଚର୍ମରୋଗ ଓ ଅନ୍ୟ ବିଭିନ୍ନ ରୋଗରେ ମନୁଷ୍ୟ ଓ ଜୀବଜନ୍ତୁ ଆକ୍ରାନ୍ତ ହେବେ ଏଥିରେ ସନ୍ଦେହ ନାହିଁ ।

**ପ୍ରିୟଜିତ ଜେନା,** ଆସିଷ୍ଟାଣ୍ଟ ପ୍ରଫେସର,(ହୃଦରୋଗ ଏବଂ ଯକ୍ଷ୍ମା ବିଭାଗ, ଏମକେସିଜି ମେଡିକାଲ)

ରାଜ୍ୟସ୍ତରରେ ବିଏମସି ସ୍ୱଚ୍ଛ ସର୍ବେକ୍ଷଣରେ ୪ନଂ.କୁ ଉଠିଥିଲେ ବି ଗଳିକନ୍ଦିଗୁଡିକରେ ଆବର୍ଜନା ପଡି ରହୁଛି । ମଶାବଂଶ ବୃଦ୍ଧି ପାଉଛି । ବିଏମସି ସ୍ୱଚ୍ଛତା ଉପରେ ଜାଗ୍ରତ ବୋଲି କହୁଥିଲେ ବି ଏ କି ସ୍ୱଚ୍ଛତା ? ସ୍ୱଚ୍ଛତା ପାଇଁ ଯୋଜନା କରି କାର୍ଯ୍ୟ କରାଯିବା ଦରକାର ।

**ରାଜେନ୍ଦ୍ର କୁମାର ପଣ୍ଡା,** ସମାଜିକ କର୍ମୀ (ଗଜପତି ନଗର)

ସ୍ୱଚ୍ଛତା ପ୍ରତି ବିଏମସି ଜାଗ୍ରତ ବୋଲି କହୁଥିଲେ ବି ଆନ୍ତରିକତା ନାହିଁ । ଏ କି ସ୍ୱଚ୍ଛତା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ତେଣୁ ରାଜ୍ୟପାଳଙ୍କ ଗସ୍ତ ସମୟରେ ଭାଜପା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।

**କାହ୍ନୁ ଚରଣ ପତି,** (ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ)

ସହରର ବିଭିନ୍ନ ସାହିରେ ଆବର୍ଜନା ପଡି ରହୁଛି । ସେଥିରୁ ଯେଉଁ ଦୁର୍ଗନ୍ଧ ବାହାରୁଛି ତାହା ଅଙ୍ଗାରକାମ୍ଳରସ୍ତର ବଢ଼ାଇବ । ଆବର୍ଜନା ପୋଡିବା ଅତି ମାରାତ୍ମକ । ସେଥିରୁ ଯେଉଁ ଟକ୍ସିକ ବାହାରିବ ତାହା ଓଜନସ୍ତରକୁ ପ୍ରଭାବିତ କରିବା ସହ ଲୋକଙ୍କୁ ବିଭିନ୍ନ ରୋଗର ଶିକାର ହେବାକୁ ପଡିବ । ଏଥିପାଇଁ ବିଧିବଦ୍ଧ ଯୋଜନା ହେବା ଦରକାର ।

**ଶୈଳବାଳା ପାଢ଼ୀ,** ନିର୍ଦ୍ଦେଶକ, ସେଣ୍ଟର ଫର ଏନଭାଇରନମେଣ୍ଟ ଷ୍ଟଡିଜ ( ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା)

## ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ

ବ୍ରହ୍ମପୁର,୧୬।୧(ତନୁଶ୍ରୀ ନାହାକ)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୋପାଳପୁର ମହାବିଦ୍ୟାଳୟ ଠାରେ ମଙ୍ଗଳବାର ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ପ୍ରତିଯୋଗିତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡିଜିଟାଲ ଯୁଗରେ ମାତୃଭାଷାର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ରାମ ପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ପ୍ରଫେସର ବିପିନ ନାୟକ ଯୋଗଦେଇ ପ୍ରତ୍ୟେକ ଓଡ଼ିଆ ନିଜ ମାତୃଭାଷା ପ୍ରତି ଶ୍ରଦ୍ଧା ରଖିବା ଆବଶ୍ୟକ ବୋଲି କହିଥିଲେ । ସମ୍ମାନନୀୟ ଅତିଥି ଭାବେ କଙ୍କୋରୋଡ଼ା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ହରିକୃଷ୍ଣ ନାୟକ, ରାମାଧିନ ସଂସ୍କୃତ ମହାବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗର ପୂର୍ବତନ ପ୍ରଫେସର ଡ଼. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ଼. ରାଜେନ୍ଦ୍ର ମହାପାତ୍ର ଶିକ୍ଷା ବିଭାଗ ପକ୍ଷରୁ ଭାଷା ସାହିତ୍ୟ ସମ୍ମିଳନୀ ପ୍ରତିଯୋଗୀତା ଓ ଆଲୋଚନା ଆୟୋଜନର ମୂଳଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଓ ଅନ୍ୟ ପ୍ରତିଯୋଗୀତା ହୋଇଥିଲା । ଯୁକ୍ତ ୨ ଓ ଯୁକ୍ତ ୩ର ନୋଡ଼ାଲ ଅଧିକାରୀ ଡ଼. ରାମକୃଷ୍ଣ ଜେନା ଓ ଡ଼.ଗିରିଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛେଳିଆ ଗ୍ରାମକୁ ନୂତନ ମୌଜା ଘୋଷଣା ଦାବି


ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ବ୍ରହ୍ମପୁର,୧୬।୧(ସ୍ମୃତି ରଞ୍ଜନ ମହାଲିକ)

କନିଷି ତହସିଲ ଶାସନ ପଦର ମୌଜା ଅନ୍ତର୍ଗତ ଛେଳିଆ ଗ୍ରାମକୁ ଏକ ନୂତନ ମୌଜା ଘୋଷଣା କରିବା ଦାବି ନେଇ ମଙ୍ଗଳବାର ଗ୍ରାମର ଶତାଧିକ ଲୋକ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିସହ ଆରଡିସିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀ କହିଛନ୍ତି ଯେ, ୧୯୯୬ ଓ ୨୦୧୧ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଛେଳିଆ ଗ୍ରାମକୁ ଏକ ନୂତନ ମୌଜା ରୂପେ ଘୋଷଣା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । କିନ୍ତୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଯୋଗୁ ଏହା ସମ୍ଭବ ହୋଇପାରଲାନି । ଗତବର୍ଷ ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନସ୍ଥ ୨୭ଟି ଗ୍ରାମକୁ ନୂତନ ମୌଜା ରୂପେ ଘୋଷଣା କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆସିଛି । ସେଥିମଧ୍ୟରେ ଛେଳିଆ ଗ୍ରାମ ମଧ୍ୟ ରହିଛି । ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ବାଉରୀ ବନ୍ଧୁ ମହାନ୍ତି, ଗୋପାଳ କୃଷ୍ଣ ମହାନ୍ତି, କାଳୁ ନାୟକ ଓ ଦିବ୍ୟ ସିଂହ ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପାଣି ପଞ୍ଚାୟତ ପକ୍ଷ ପାଳିତ

ବ୍ରହ୍ମପୁର,୧୬।୧
(ସ୍ମୃତି ରଞ୍ଜନ ମହାଲିକ)

ଉଠା ଜଳସେଚନ ବିଭାଜନ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଶିବରାମ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଥିଲେ । ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ରାଜ୍ୟ ସରକାର ଚାଷ ଓ ଚାଷୀର ଉନ୍ନତି ପାଇଁ ଅଧିକ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟ ବଜେଟରେ କୃଷି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଚାଷୀଙ୍କୁ ଧାନ ସହ ମାଣ୍ଡିଆ, କାଙ୍ଗୁ ଶସ୍ୟ ସମେତ ପନିପରିବା ଓ ଲେମ୍ବୁ ଚାଷ କରିବା ପାଇଁ ମଧ୍ୟ ସରକାର ପ୍ରୋତ୍ସାହନ ଦେଉଛନ୍ତି । ଏହି ସବୁ ଚାଷ ପାଇଁ ସେଚ ଜଳ କମ ଆବଶ୍ୟକ ପଡୁଥିବା ଏମପି କହିଥିଲେ । ରାଜ୍ୟ ସରକାର କୃଷି ଯନ୍ତ୍ରପାତି ମଧ୍ୟ କମ ଦରରେ ପ୍ରଦାନ କରୁଛନ୍ତି । ଏଥିସହ ଉଠା ଜଳସେଚନ ବିଭାଗ ଦ୍ୱାରା ବହୁ ଚାଷ ସମ୍ପନ୍ନ ହେଉଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକର ପାଣି ପଞ୍ଚାୟତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଉପସ୍ଥିତ ଚାଷୀମାନେ ଉଠା ଜଳସେଚନ ପଏଣ୍ଟ ଗୁଡିକର ମୋଟର କାର୍ଯ୍ୟ କରୁ ନ ଥିବା ନେଇ ଅଭିଯୋଗ କରି ଏହାର ସମାଧାନ ଖୁବ ଶୀଘ୍ର କରିବାକୁ ଦାବି କରିଥିଲେ । ଏହି ଅବସରରେ ୨୨ ବ୍ଲକରୁ ଜଣେ ଲେଖାଏଁ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।


କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉଦବୋଧନ ଦେଉଛନ୍ତି ।

## ସ୍ଥଳସେନା ମୁଖ୍ୟଙ୍କ ଗୋପାଳପୁର ଆର୍ମି ଏଡ଼ି କଲେଜ ପରିଦର୍ଶନ

ଗୋପାଳପୁର/ବ୍ରହ୍ମପୁର,୧୬।୧(ନବୀନ ରାଜ ଆଚାରୀ/ତନୁଶ୍ରୀ ନାହାକ)

ସ୍ଥଳସେନା ମୁଖ୍ୟ ମନୋଜ ପାଣ୍ଡେ ମଙ୍ଗଳବାର ଗୋପାଳପୁର ଆର୍ମି ଏଡ଼ି କଲେଜ ପରିଦର୍ଶନରେ ଆସିଥିଲେ । ହେଲିକପ୍ଟର ଯୋଗେ ଆସି ସେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ଓହ୍ଲାଇ ଥିଲେ । ତାଙ୍କୁ ସ୍ଥଳସେନାର ବରିଷ୍ଠ ଅଧିକାରୀମାନେ ସ୍ୱାଗତ ଜଣାଇବା ସହ ଆର୍ମି କଲେଜକୁ ପାଛୋଟି ନେଇଥିଲେ । ସେଠାରେ ଚାଲିଥିବା ଦ୍ୱିତୀୟ ଅଗ୍ନିବୀର ଯୋଦ୍ଧାଙ୍କ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରିବା ସହ ବରିଷ୍ଠ ସେନାଧିକାରୀଙ୍କ ସହ ଆଲୋଚନା କରିଥିଲେ । ପରେ ମିଲିଟାରୀ ଷ୍ଟେଶନ ପରିସରରେ ବୁଲି ବିଭିନ୍ନ ବିଷୟରେ ଆଲୋଚନା କରିଥିବା ଜଣାପଡ଼ିଛି । ଏହି ସମୟରେ ଲେଫ୍ଟନାଣ୍ଟ ଜେନେରାଲ ଯୁଭି ତଲୁରଙ୍କ ସମେତ ବରିଷ୍ଠ ସେନା ଅଧିକାରୀମାନେ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ସେ ଭୁବନେଶ୍ୱର ଅଭିମୁଖେ ଯାଇଥିଲେ ।

## ଫେବୃଆରୀ ୧ରୁ ଯୁକ୍ତ ୩ ପ୍ରଥମ ସେମିଷ୍ଟାର ପରୀକ୍ଷା

ବ୍ରହ୍ମପୁର,୧୬।୧(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟରେ ଆସନ୍ତା ଫେବୃଆରୀ ୧ ତାରିଖରୁ ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଥମ ସେମିଷ୍ଟାର ପରୀକ୍ଷା ଆରମ୍ଭ ହେବ । ପରୀକ୍ଷା ୧୨ ତାରିଖରେ ଶେଷ ହେବ । ପ୍ରତ୍ୟେକ ପେପର ପାଇଁ ୩ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଛି । ଲିଖିତ ପରୀକ୍ଷା ପରେ ପ୍ରତ୍ୟେକ ମହାବିଦ୍ୟାଳୟରେ ପ୍ରାକ୍ଟିକାଲ ପରୀକ୍ଷା ହେବ ବୋଲି ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ପରୀକ୍ଷା ନିୟନ୍ତ୍ରକ ଡ଼.ସତ୍ୟ ନାରାୟଣ କୁଣ୍ଡୁ ପ୍ରକାଶ କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ବ୍ରହ୍ମପୁର,୧୬।୧(ତନୁଶ୍ରୀ ନାହାକ)

ବାସୁଦେବ ନଗର ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନାଚାର୍ଯ୍ୟ ସୁକାନ୍ତି ଶତପଥୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସଂସ୍ଥାନ ପ୍ରତିଷ୍ଠାତା ମହନ୍ତ କମଳାକାନ୍ତ ମହାରାଜା, ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ସଭାପତି ତଥା ପୂର୍ବତନ ବିଧାୟକ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇଥିଲେ । ଏମ୍‌କେସିଜି ରେଜିଷ୍ଟ୍ରାର ସଂଗ୍ରାମ କେଶରୀ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ସୁବାସ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରୀଛାତ୍ରମାନେ ଭାରତୀୟ ସଂସ୍କୃତକୁ ଗୁରୁତ୍ୱ ଦେବାକୁ ମୁଖ୍ୟଅତିଥି କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ପରିଚାଳନା କରିଥିଲେ ।

## ରେଡ୍‌କ୍ରସ୍‌ର ଜିଲାସ୍ତରୀୟ ତାଲିମ ଶିବିର


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

ଧରାକୋଟ,୧୬।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ରେଡ଼କ୍ରସ୍ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି । ୩ ଦିନିଆ ଏହି ଶିବିରକୁ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଉଦଘାଟନ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଆର୍ମୀ ବ୍ରିଗେଡିୟର ଡ. ଅରୁଣ ପ୍ରସାଦ ପାଢ଼ୀ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ ଶିକ୍ଷା ଅଧିକାରୀ ଭାଗିରଥୀ ବେହେରା, ଜିଲା ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସିଂ, ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟବକ୍ତା ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ । ଜିଲାର ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ ଓ ଜିଲାସ୍ତରର ରେଡ଼କ୍ରସ୍‌ର ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ । ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ, ଶିକ୍ଷକ ସୁରେଶ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଳିୟ ଶିଶୁ ପ୍ରତିଭା ସମ୍ମାନ ପାଇଲେ ଦେବୀସ୍ମିତା


ଦେବୀସ୍ମିତାଙ୍କୁ ସମ୍ମାନିତ କରୁଛନ୍ତି ଅତିଥି ।

ବେଲଗୁଣ୍ଠା,୧୬।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ ସମାଜର ଶତ ବାର୍ଷିକୀ ସାଂସ୍କୃତିକ ମହାସଭାରେ ଆଳିୟ ଶିଶୁ ପ୍ରତିଭା ସମ୍ମାନରେ ସମ୍ମାନୀତ ହୋଇଛନ୍ତି ବେଲଗୁଣ୍ଠା ବ୍ଲକ ଗୋବରା ପଞ୍ଚାୟତ ବିରିପୁର ଗ୍ରାମର ତିନି ବର୍ଷର ଝିଅ ଦେବୀସ୍ମିତା ଦିବ୍ୟଦର୍ଶନୀ ଦାସ । ଦେବୀସ୍ମିତା ଅତି କମ୍ ବୟସରୁ ମହାମନ୍ତ୍ର, ମୃତ୍ୟୁଞ୍ଜୟ ମନ୍ତ୍ର, ଗୁରୁ ପ୍ରଣାମ ମନ୍ତ୍ର, ସଂଖ୍ୟା ଗଣନା ଅନର୍ଗଳ ଭାବେ ଅନାୟାସରେ କହି ପାରୁଛନ୍ତି । ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇଥିବା ବେଳେ ଆସିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ତ୍ରିବେଣୀ ନାହାକ, କବିସୂର୍ଯ୍ୟନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ଆସିକା ବିଧାୟିକା ପ୍ରତିନିଧି ତଥା ଗଞ୍ଜାମ ଜିଲା ଜୋନ୍ ସଭାପତି ନଚିକେତା ସ୍ୱାଇଁ, ଅଭ୍ୟର୍ଥନା କମିଟି ସଭାପତି ପବିତ୍ର କୁମାର ଲେଙ୍କା, ପୂର୍ବତନ ନିର୍ବାଚନ ଅଧିକାରୀ ମୁନା ମହାନ୍ତି, ନେଟଙ୍ଗା ମଣ୍ଡଳ ସଭାପତି ଦିବ୍ୟଲୋଚନ ବିଶ୍ୱାଳ, ଏଗାର ମଣ୍ଡଳ ସଭାପତି, ପାଞ୍ଚ ସାଂଗଠନିକ ସଭାପତି ଉପସ୍ଥିତ ଥିଲେ ।

## ଛତ୍ରପୁର ମହୋତ୍ସବ ଉଦ୍‌ଯାପିତ

ଛତ୍ରପୁର,୧୬।୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲାର ସଦର ମହକୁମା ଛତ୍ରପୁର ଷ୍ଟାଡିୟମଠାରେ ୩ ଦିନ ଧରି ଚାଲିଥିବା ଛତ୍ରପୁର ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲାପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପ୍ରମୁଖ ଯୋଗଦେଇଥିଲେ । ଉଦଯାପନୀ ସନ୍ଧ୍ୟାରେ କଳା ବିକାଶ କେନ୍ଦ୍ର ପକ୍ଷରୁ କୁମ୍ଭ ନୃତ୍ୟ, ବ୍ରହ୍ମପୁରର ଅଂଘାର ନୃତ୍ୟନାର ଓଡିଶୀ ନୃତ୍ୟ, ଛତ୍ରପୁର ଲିଟିଲ ଷ୍ଟାର ଏକାଡେମୀର ମଡର୍ନ ଡ୍ୟାନ୍ସ, ଛତ୍ରପୁର ଦିବାକର ନୃତ୍ୟକେନ୍ଦ୍ରର କାଠପାଦ ନୃତ୍ୟ, ଛତ୍ରପୁର ଡ୍ରିମ ଡ୍ୟାନ୍ସ ଏକାଡେମୀର ସମ୍ବଲପୁରୀ ମଡ଼ର୍ନ ମିକ୍ସ, ଛତ୍ରପୁର ଡିଏସ୍‌ଆର ଡ୍ୟାନ୍ସ ଇନଷ୍ଟିଚ୍ୟୁଟ ମଡ଼ର୍ନ ଡ୍ୟାନ୍ସ, ଛତ୍ରପୁରର ମୋ ଶ୍ୟାମକାଳୀ ସିଂହ ବାଜା ପକ୍ଷରୁ ସିଂହ ବାଜା ଓ ଦିଗପହଣ୍ଡିର ଖେମୁଣ୍ଡି ଲୋକକଳା ଏକାଡେମୀ ପକ୍ଷରୁ ପରିବେଶିତ ଅନିମଲ ମାସ୍କ ଡ୍ୟାନ୍ସ ଦର୍ଶକଙ୍କ ମନ ମୋହିଥିଲା । ପରେ ତାରିକ ଆଜିଜ, ନାତ୍ୟା ଜାଇତି (ତେଲୁଗୁ ଓଡିଆ) ସତ୍ୟ ବାବୁ (ତେଲୁଗୁ) ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମହୋତ୍ସବର ଉଦଯାପନୀ ଥିବାରୁ ଦର୍ଶକଙ୍କ ପ୍ରବଳ ଭିଡ଼ ଥିବା ଦେଖିବାକୁ ମିଳିଥିଲା ।


ଉଦ୍‌ଯାପନୀ ସନ୍ଧ୍ୟାରେ ନୃତ୍ୟରତ କଳାକାରମାନେ ।

## ସଂକ୍ଷେପରେ

### ଟିଭିଦେଖା ବନ୍ଦ କରିବାରୁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ଧରାକୋଟ, ୧୬।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଅନ୍ତର୍ଗତ ଝରପାରୀ ଗ୍ରାମ ପଞ୍ଚାୟତ ରବା ଗ୍ରାମରେ ଟିଭି ଦେଖା ବନ୍ଦ କହିବାରୁ ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଯୁବତୀ ଜଣଙ୍କ ମଙ୍ଗଳବାର ଅପରାହ୍ନରେ ଘରେ ଟିଭି ଦେଖୁଥିଲେ। ତେବେ ଏହି ସମୟରେ ମା’, ବାପା ଟିଭି ଦେଖିବାକୁ ମନା କରିଥିଲେ । ଯୁବତୀଜଣଙ୍କ ହଠାତ ରାଗି ଯାଇ ଗାଧୁଆ ଘରକୁ ଯାଇ କିଛି ରାସାୟନିକ କୀଟନାଶକ ଔଷଧ ଖାଇ ଦେଇଥିଲେ । ଏହା ଦେଖି ବାପା ଏବଂ ଭାଇ ମିଶି ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ତରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରିଛନ୍ତି।

### ମିଳିତ ଅଭିଯୋଗ ଶୁଣାଣି

ଭଞ୍ଜନଗର, ୧୬।୧(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡ ସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଉପଜିଲାପାଳ ଅନିଲ କୁମାର ସେଠୀ, ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଫୁଲ କୁମାର ବଡ଼ଜେନା ଅଭିଯୋଗ ଶୁଣାଣିରେ ଯୋଗଦେଇ ୧୨୧ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେଥିମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ୧୧୯ଟି ଥିବାବେଳେ ଗ୍ରାମୀଣ ଅଭିଯୋଗ ୨ଟି ଥିଲା। ଅତିରିକ୍ତ ଜିଲାପାଳ ତ୍ୱରିତ ଗୋଟିଏ ଅଭିଯାଗର ଫଇସଲା କରିଥିଲେ। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କା ଦିଆଯାଇଥିଲା । ଏହି ଅଭିଯୋଗ ଶୁଣାଣି ସମୟରେ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ କୁମାର ଶତପଥୀ, ଭଞ୍ଜନଗର ସହାୟକ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ଅନିଲ କୁମାର ପଣ୍ଡା, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### କାଇଞ୍ଚପୁର ପଞ୍ଚାୟତରେ ଭତ୍ତା, କମ୍ବଳ ବଣ୍ଟନ

ଗଞ୍ଜାମ, ୧୬।୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଞ୍ଚପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭତ୍ତା ଓ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଚନ୍ଦନା ରେଡିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ଗ୍ରାସୀମ କମ୍ପାନୀ ୟୁନିଟ ହେଡ଼ ଅଜୟ ଗୁପ୍ତା, ସମିତିସଭ୍ୟ ଜୟକାନ୍ତ ରେଡି, ଏଇଇ ସୁଶୀଲ ପଣ୍ଡା, ଏଚ୍‌ଆର୍ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ନିରଜ ପଟ୍ଟନାୟକ, ଲୋକ ସମ୍ପର୍କ ସୂଚନା ଅଧିକାରୀ ତଥା ସିଏସ୍‌ଆର ମୁଖ୍ୟ ସୁସ୍ମିତା ବେହେରା, ପୁରୁଷୋତ୍ତମ ଶର୍ମା, କେ ରାହୁଲ, କାଳିଆ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଉପାଧକ୍ଷ ଆର ଭାଗିରଥି ରେଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଗ୍ରାସୀମ କମ୍ପାନୀ ପକ୍ଷରୁ ୬୭୦ ଜଣ ବୃଦ୍ଧାବୃଦ୍ଧଙ୍କୁ କମଳ ବଣ୍ଟନ କରାଯାଇଥିଲା। ପିଇଓ ଦିଲୀପ ନାୟକ ଉପସ୍ଥିତ ଥିଲେ। ଗ୍ରାସୀମ କମ୍ପାନୀ ପକ୍ଷରୁ କମଳ ପ୍ରଦାନ କରାଯାଇଛି।

### ବାଲୁଙ୍କେଶ୍ୱର ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ଖଲ୍ଲିକୋଟ, ୧୬।୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସହର ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର ଭୃଷଭ ନିକଟରେ ଥିବା ହୁଣ୍ଡିକୁ ମକର ସଂକ୍ରାନ୍ତି ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚୋରି ହୋଇଛି। ମନ୍ଦିର ସେବାୟତ ପୂଜାର୍ଚ୍ଚନା କରିବାକୁ ଆସି ଦେଖିଲା ପରେ ଖଲ୍ଲିକୋଟ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରୀ ରଖିଛି। ଖଲ୍ଲିକୋଟ ଅଞ୍ଚଳରେ କିଛି ଦିନ ହେବ ଚୋରି ଲଗାତାର ଭାବେ ହେଉଛି। କେଶପୁର ବଜାରରେ ଜାନୁଆରୀ ୫ ତାରିଖରେ ସାତଟି ଦୋକାନର ତାଲା ଭାଙ୍ଗି ଚୋରି ହୋଇଥିଲା। ପୋଲିସ କେତେକ ଦୋକାନ ଲାଗିଥିବା ସିସି ଫୁଟେଜ ଯାଞ୍ଚ କରିଥିଲା। କିଛି ଦିନ ବ୍ୟବଧାନରେ ପୁନର୍ବାର ମନ୍ଦିର ହୁଣ୍ଡିରୁ ଚୋରି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

# ଛୁଟିରେ ୪ ଡାକ୍ତର, ରୋଗୀଙ୍କ ମୃତ୍ୟୁ

ଜଗନ୍ନାଥପ୍ରସାଦ, ୧୬।୧
(ବିଭୁ ପ୍ରସାଦ ପଟ୍ଟନାୟକ)

ଛୁଟିରେ ଅଛନ୍ତି ୪ ଡାକ୍ତର । ଅନ୍ୟପକ୍ଷରେ ରେଗୀମାନେ ଉପଯୁକ୍ତ ଚିକିତ୍ସା ନପାଇ ପ୍ରାଣ ହରାଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଜଗନ୍ନାଥପ୍ରସାଦର ୨୬ ପଞ୍ଚାୟତର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଫମ୍ପା ପରିଲକ୍ଷିତ ହୋଇଛି। ମଙ୍ଗଳବାର ସକାଳେ ନିକଟସ୍ଥ କଇଥପଲ୍ଲୀ ସାହିର ଦଣ୍ଡପାଣି ଗୌଡ଼ଙ୍କ ଛାତିରେ ଦରଜ ହେବାରୁ ପରିବାର ଲୋକେ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରୋଟି ଏମବିବିଏସ୍ ଡାକ୍ତର ଥିଲେ ମଧ ମଙ୍ଗଳବାର ଜଣେ ବି ଡାକ୍ତର ନଥିଲେ। ଯାହାକୁ ନେଇ ଜଣେ ହୋମିଓ ଡାକ୍ତର ଦଣ୍ଡପାଣିଙ୍କ ଚିକିତ୍ସା କରାଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହୋଇଥିଲା। ପରେ ଆୟୁଷ ଡାକ୍ତର ଦଣ୍ଡପାଣିଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକ ଓ ସାହି ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ବଡ଼ ମେଡିକାଲରେ ୪ଜଣ ଡାକ୍ତର ଛୁଟିରେ ରହିବାକୁ ନେଇ ମେଡିକାଲ ଅଫିସରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଗଲା। କିନ୍ତୁ ନିଜେ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବି ଛୁଟିରେ ରହିଥିବା ବେଳେ ସେ ଫୋନ ରିସିଭ କରୁନଥିବା ଅଭିଯୋଗ ହୋଇଛି। ଏହି ହସ୍ପିଟାଲ ଆଉଟଡୋରରେ ମାସକୁ ୯ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଥିଲେ। ଡାକ୍ତରଖାନାରେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଦିନକୁ ୧୬୦/୧୯୦ ଅଧିକ ଚିକିତ୍ସା ପାଇଁ ଆସୁଛନ୍ତି। ତଥାପି ଜିଲା ସ୍ୱାସ୍ଥ୍ୟ ବିଭାଗଙ୍କ ମନମାନି ଓ ସ୍ଥାନୀୟ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଖମାଖିଆଲ ନୀତି ଯୋଗୁ ଉକ୍ତ ମେଡିକାଲରେ ଏହିଭଳି ଦଶ୍ୟ ଦେଖିବାକୁ ମଳିଛି। ମୁଖ୍ୟ ଡାକ୍ତର ରୋଗୀ ସେବା ଛାଡି ବର୍ତ୍ତମାନ ମେଡିକାଲର ଉନ୍ନତି ପାଇଁ ୨ଟି ରାତ୍ରୀ ଡିଉଟି ସାରି ଆଉ ବାକି ସମୟ ଘରେ ରହୁଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉମା ଶଙ୍କର ମିଶ୍ରଙ୍କୁ ପଚାରିବାରୁ ଉକ୍ତ ମେଡିକାଲ ଅଫିସରଙ୍କ ସହ ଏହି ବିଷୟରେ ଆଲୋଚନା କରି ଜଣାଇବେ ବୋଲି ସେ କହିଛନ୍ତି।

## ଗଞ୍ଜାମରେ ପାଣି ପଞ୍ଚାୟତ ରଥ ଶୁଭାରମ୍ଭ

ଛତ୍ରପୁର, ୧୬।୧
(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଚଳିତ ବର୍ଷ ମଧ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳିତ ହେଉଅଛି। ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଏହାର ସମସ୍ତ ସଦସ୍ୟ ଓ କୃଷକ ଭାଇ ଭଉଣୀମାନଙ୍କୁ ସ୍ୱୀକୃତୀ ଜଣାଇବା ନିମନ୍ତେ ଏହା ଏକ ସୁନ୍ଦର କାର୍ଯ୍ୟକ୍ରମ। ରାଜ୍ୟ ସରକାର ଜଳସେଚନ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଅଧିକରୁ ଅଧିକ ଜମିକୁ ଜଳସେଚନ ସୁବିଧା କରିବା ସହିତ ପାଣି ପଞ୍ଚାୟତ ବ୍ୟବସ୍ଥାକୁ ମଧ ଆଇନଗତ ଭାବେ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ନ୍ୟାୟ ସଙ୍ଗତ ଓ ସମାନତା ଭିତ୍ତିରେ ବିଭିନ୍ନ ଜଳ ବ୍ୟବହାରକାରୀଙ୍କ ମଧ୍ୟରେ ଜଳ ବଣ୍ଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା, ଜଳସଂରକ୍ଷଣ, ଜଳ ପୁନଃ ବ୍ୟବହାର ସହିତ ଫସଲର ବିବିଧକରଣ ଜରିଆରେ ଅଧିକ ପ୍ରକାର ଫସଲ ଉତ୍ପାଦନ ପାଇଁ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗର ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁ ପାଣି ପଞ୍ଚାୟତ ରଥକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜଳସମ୍ପଦ ବିଭାଗ ତରଫରୁ ଋଷିକୁଲ୍ୟା, ବାହୁଦା ଅବବାହିକା ଅତିରିକ୍ତ ମୁଖ୍ୟଯନ୍ତ୍ର, ଜଗନ୍ନାଥ ପାଣି, ବ୍ରହ୍ମପୁର ଜଳସେଚନ ବିଭାଜନ ଅକ୍ଷଣ ଯନ୍ତ୍ରୀ ଜୟଦୀପ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ତପ୍ତପାଣି ପର୍ଯ୍ୟଟନ ସ୍ଥଳୀକୁ ପ୍ଲାଷ୍ଟିକମୁକ୍ତ ଅଭିଯାନ ନେଇ ତତ୍ପରତା

ମୋହନା, ୧୬।୧(ମନ୍ମଥନାଥ ମିଶ୍ର)



କମିଟି ସଦସ୍ୟଙ୍କୁ ଡଷ୍ଟବିନ ପ୍ରଦାନ କରାଯାଉଛି।

ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀ ଭାବେ ଗଞ୍ଜାମ ଏବଂ ଗଜପତି ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ତପ୍ତପାଣି ଉଷ୍ମ ପ୍ରସବଣ ରାଜ୍ୟ ଓ ରାଜ୍ୟ ବାହାରେ ବେଶ ଲୋକପ୍ରିୟ। ଶୀତଋତୁରେ ଏଠାକୁ ବିଭିନ୍ନ ସ୍ଥାନରୁ ଶହ ଶହ ପର୍ଯ୍ୟଟକ ଭ୍ରମଣରେ ଆସନ୍ତି। ଏହା ଏକ ପିକନିକ ସ୍ଥାନ ଏବଂ ଏଠାକାର ବନ ପାହାଡ଼ ପର୍ବତ ଘେରା ସବୁଜ ବଳୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

ଏଠାକାର ପରିବେଶର ମଜା ନେବାକୁ ପର୍ଯ୍ୟଟକମାନେ ଆସିଥାନ୍ତି। ଏହାର ଚତୁଃପାର୍ଶ ପ୍ଲାଷ୍ଟିକ ଆବର୍ଜନା ପରିପୂର୍ଣ୍ଣ। ଏହି ଅଞ୍ଚଳକୁ ପ୍ଲାଷ୍ଟିକମୁକ୍ତ ଅଞ୍ଚଳ କରିବା ପାଇଁ ଜିଲା ବନଖଣ୍ଡ ଅଧିକାରୀ ଏସ. ଆନନ୍ଦଙ୍କ ନେତୃତ୍ୱରେ ଏସିଏଫ ଅରୁଣ କୁମାର ସାହୁ, ଚନ୍ଦ୍ରଗିରି ରେଞ୍ଜର ରୂପକ କୁମାର ପ୍ରଧାନ, ମୋହନା ରେଞ୍ଜର ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ରାମଗିରି ରେଞ୍ଜର ପିୟୁଷ ପଟ୍ଟନାୟକ, ଆର୍.ଉଦୟଗିରି ରେଞ୍ଜର ଉମାଶଙ୍କର ସାହୁ, ମହେନ୍ଦ୍ର ରେଞ୍ଜର ପ୍ରଦୀପ କୁମାର ଆଚାର୍ଯ୍ୟ, କାଶୀନଗର ରେଞ୍ଜର ସୁଧିର କୁମାର ବେହେରା, ଦେବଗିରି ଓ ସବୁଜ ବାହିନୀ କର୍ମଚାରୀମାନେ ମିଳିତ ଭାବେ ତପ୍ତପାଣିଠାରେ ପ୍ଲାଷ୍ଟିକମୁକ୍ତ ଅଭିଯାନରେ ସାମିଲ ହୋଇଛନ୍ତି। ଏଥିସହିତ ଉପସ୍ଥିତ ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ପର୍ଯ୍ୟଟନ ସ୍ଥଳୀର କମିଟି ବୃନ୍ଦଙ୍କୁ ଡଷ୍ଟବିନ ପ୍ରଦାନ କରିଥିଲେ।

## ସମନ୍ୱୟ ଯୋଗୁ ପାଣି ପଞ୍ଚାୟତର ଲକ୍ଷ୍ୟ ସାଧନ ହୋଇପାରିଛି

ଭଞ୍ଜନଗର, ୧୬।୧(ବାବୁଲା ପ୍ରଧାନ)

ଭଞ୍ଜନଗର ଜଳସମ୍ପଦ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ବ୍ଲକ ଡହଠାରେ ପାଣି ପଞ୍ଚାୟତ ପକ୍ଷ ଉଦଘାଟିତ ହୋଇଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ରବିନ୍ଦ୍ର ନାଥ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ପାଣି ପଞ୍ଚାୟତ ଯେଉଁ ଲକ୍ଷ୍ୟ ନେଇ ଗଠନ ହୋଇଛି ତାହା ଆଜି ସଫଳ ହୋଇଛି। ତଥାପି କୃଷକମାନଙ୍କ ଉନ୍ନତି ପାଇଁ ଆହୁରି ତତ୍ପର ହେବାକୁ ପଡିବ। ତେଣୁ ବିଭିନ୍ନ ବିଭାଗର ଅଧିକାରୀ ପାଣି ପଞ୍ଚାୟତ କର୍ମକର୍ତ୍ତାମାନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଶ୍ରୀ ସେଠୀ ଉପସ୍ଥିତ ଅଧିକାରୀମାନଙ୍କୁ

**ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟିତ**

ଆହ୍ୱାନ କରିଥିଲେ। ବୈଠକରେ ବୁଗୁଡ଼ା, ଆସିକା, ସୋରଡ଼ା, ଭଞ୍ଜନଗର ଜଳସମ୍ପଦ ବିଭାଗ ଉପଖଣ୍ଡର ଚାଷୀ ଏବଂ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡଃ ସୁତନୁ କୁମାର ଶତପଥୀ, ଡହ ପ୍ରକଳ୍ପର ପୂର୍ବତନ ପାଣି ପଞ୍ଚାୟତ ପ୍ରକଳ୍ପ କମିଟି ସଭାପତି ବିରେନ୍ଦ୍ର କେଶରୀ ଆରୁଖ, ବ୍ଲକ ଅଧକ୍ଷ ନରିସଭା ନାୟକ, ଆସିକା ଆଖୁ ଚାଷୀ ସଂଘର ସଭାପତି ସମୀର ପ୍ରଧାନ, ବାଘୁଆ ପ୍ରକଳ୍ପର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଡହ ସହକାରୀ ନିର୍ବାହୀ ଯନ୍ତ୍ରୀ ପଞ୍ଚୁ ବେହେରା ବୈଠକରେ ଅଧକ୍ଷତା କରିଥିଲେ। ଯନ୍ତ୍ରୀ ବିଶ୍ୱମୋହନ ବେହେରା ସଭାକୁ ସଂଯୋଜନା କରିଥିଲେ। ସହକାରୀ ଯନ୍ତ୍ରୀ ଆସିକା ରମାକାନ୍ତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଲାସ୍ତରୀୟ ନୂଆ-ଓ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଜିଲାପାଳ କ୍ରିକେଟ୍ ବ୍ୟାଟ ଧରି ଉଦ୍‌ଘାଟନ କରୁଛନ୍ତି।

ପାରଳାଖେମୁଣ୍ଡି, ୧୬।୧ (ଗିରିଧାରୀ ପରିଛା)

ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ପାରଳାଖେମୁଣ୍ଡି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ନୂଆ-ଓ ତଥା ଯୁବ ଓଡିଶା, ନବୀନ ଓଡିଶା ଅନ୍ତର୍ଗତ କ୍ରୀଡା ପ୍ରତିଯୋଗିତା ଉଦଘାଟନ ହୋଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମାରୀୟମ ରାଇତ, ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ। ଉତ୍ସବରେ ୭ଟି ବ୍ଲକ ସମେତ କାଶୀନଗର ଓ ପାରଳାଖେମୁଣ୍ଡି ପୌରପରିଷଦର ଖେଳାଳି ଯୋଗ ଦେଇଥିଲେ। ଆସନ୍ତା ୨୩ ତାରିଖରେ ଗଜପତି ଷ୍ଟାଡିୟମରେ ମୁଖ୍ୟ ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ବିଜେତା ଦଳକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ଶେଷରେ ସହକାରୀ ଜିଲାପାଳ ତଥା ଜିଲା କ୍ରୀଡ଼ା ଅଧିକାରୀ ପ୍ରାଣକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର ବୈଠକ

ଆସିକା, ୧୬।୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ସୋମବାର ରଘୁନାଥନଗରସ୍ଥିତ ପୂର୍ବତନ ବିଧାୟକ ଦେବରାଜ ମହାନ୍ତିଙ୍କ ବାସଭବନରେ ଦଳର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆସନ୍ତା ୨୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଯୁବ ଭୋଟରଙ୍କୁ ଭିଡିଓ କନଫେରେନ୍ସି ମାଧ୍ୟମରେ ସମ୍ବୋଧନ କାର୍ଯ୍ୟକ୍ରମ ସଫଳ ରୂପାୟନ ନିମନ୍ତେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ଆସିକା ଓ ବରିଡା ଠାରେ ଅନୁଷ୍ଠିତ ହେବ । ଏହି ସମାବେଶରେ ୧୮ରୁ ୨୫ ବର୍ଷ ମଧ୍ୟର ଯୁବ ଭୋଟରଙ୍କୁ ଅଧିକରୁ ଅଧିକ ସାମିଲ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଭାଜପା ନେତା ଦେବରାଜ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଘୁମୁସର ଜିଲା ସାଧାରଣ ସଂପାଦକ ନାରାୟଣ ବେହେରା, ଆସିକା ଲୋକସଭା ନିର୍ବାଚନ ମଣ୍ଡଳି ବିସ୍ତାରକ ସନ୍ତୋଷ କୁମାର ବିଶ୍ୱାଳ, ଯୁବ ନେତା ସରୋଜ ଭ, ରାଘବ ସିଅ, ଜିଲ୍ଲା ସଂପାଦକ ରବିନ୍ଦ୍ର ପୋଲାଇଙ୍କ ସମେତ ବିଭିନ୍ନ ମଣ୍ଡଳ ସଭାପତି ସାମିଲ ଥିଲେ।

### ପଞ୍ଚଦିବସୀୟ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା

ବୁଗୁଡ଼ା, ୧୬।୧(କାଳିଚରଣ ଦାଶ)

ବୁଗୁଡ଼ା ପିପୁଲ୍ସ ସ୍ନାତକ ମହାବିଦ୍ୟାଳୟ ଏବଂ ପିପୁଲ୍ସ ଉଚ୍ଚ ମାଧମିକ ବିଦ୍ୟାଳୟର ମିଳିତାନୁକୂଲ୍ୟରେ ଆୟୋଜିତ ପଞ୍ଚଦିବସୀୟ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଏବଂ ପାଠଚକ୍ର କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପରିପ୍ରେକ୍ଷୀରେ କଲେଜ ପରିସରସ୍ଥ ସମ୍ମିଳନୀ କକ୍ଷରେ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମଦନ ମୋହନ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା ସମିତି ସଭାପତି ରଜନୀ କାନ୍ତ ଭଞ୍ଜ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ କୁଟପ୍ରଶ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ +୩ନୋଡାଲ୍ ଅଫିସର ଅଧାପକ ହିମାଂଶୁ ଶେଖର ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ +୨ ନୋଡାଲ ଅଫିସର ଅଧାପକ ସଞ୍ଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ ସାମାଜିକ କର୍ମୀ

ପୋଲସରା, ୧୬।୧(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ବେଲଗାଁ ପଞ୍ଚାୟତ ମଧୁସୂଦନପୁର ଗ୍ରାମର ଟୁନା ଡାକୁଆ (୨୮)ଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟିଥିଲା। ସେହିପରି କଳମ୍ବ ପଞ୍ଚାୟତ ଚଢ଼ିଆପଡ଼ା ଗ୍ରାମର ପ୍ରଭାସିନୀ ପ୍ରଧାନ (୪୫) ମୃତ୍ୟୁବରଣ କରିଥିବା ବେଳେ ସାମାଜିକ କର୍ମୀ ତଥା ଆଇନଜୀବୀ ମନୋଜ କୁମାର ରଥ ଉଭୟ ବାସଭବନକୁ ଯାଇ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଅମରଆତ୍ମର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଉକ୍ତ ସମୟରେ କଳମ୍ବ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ, ସୁଧାଂଶୁ କୁମାର ନାୟକ, ପ୍ରେମାନନ୍ଦ ସାହୁ, ବାମନ ସାହୁ, ଅଲେଖ ସାହୁ, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ



ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

କବିସୂର୍ଯ୍ୟନଗର, ୧୬।୧(କୃପାସିନ୍ଧୁ ସ୍ୱାଇଁ)

ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ପ୍ରକୋଷ୍ଠରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉଦଘାଟନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କଲେଜ ପରିଚାଳନା କମିଟି ସଭାପତି ଡ଼. ପ୍ରସନ୍ନ କୁମାର ଦଳାଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭ ଉଦଘାଟନ କରିଥିଲେ। ଅଧାପକ ପ୍ରଭାତ କୁମାର ନନ୍ଦ ବେଦପାଠ କରିଥିବା ବେଳେ ଅଧାପକ ଡ଼. ନରେନ୍ଦ୍ର କୁମାର ଦାସ ଅତିଥି ନିମନ୍ତ୍ରଣ କରିଥିଲେ। ଅଧାପିକା ଡ଼. ସୌଭାଗ୍ୟ ମଞ୍ଜରୀ ନାଥ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଅବନୀ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧାପକ, ଆଇନଜୀବୀ ତଥା କବିସୂର୍ଯ୍ୟ ବଳଦେବ ସାହିତ୍ୟ ସଂସଦର ସଭାପତି କୈଳାସ ନାଥ ସ୍ୱାଇଁ, ମୁଖ୍ୟ ବକ୍ତା ସାହିତ୍ୟ ଅଧାପକ ନରସିଂହ ପାଢ଼ୀ, ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧାପକ ଚିତ୍ତରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ସାହିତ୍ୟ ଅଧାପିକା ସଂଯୋଜିକା ରୁନି ପାଣିଗ୍ରାହୀ ସମ୍ମିଳନୀର ସଂଯୋଜନା କରିଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ୪ ସେବାୟତଙ୍କ ଯୋଗଦାନ

ପାରଳାଖେମୁଣ୍ଡି, ୧୬।୧
(ଗିରିଧାରୀ ପରିଛା)

ଆସନ୍ତାକାଲି ହେବାକୁ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ଗଜପତି ଜିଲାର ଜଗନ୍ନାଥ ମନ୍ଦିରର ୪ଜଣ ସେବାୟତ ତଥା ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରରୁ ଦୁର୍ଗାମାଧବ ପାଣିଗ୍ରାହୀ ଓ ପ୍ରଦୀପ ପଣ୍ଡା, କାଶିନଗର ଜଗନ୍ନାଥ ମନ୍ଦିରରୁ ହୃଷୀକେଶ ଗୌଡ଼ ଓ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ସମେତ ନୋଡାଲ ଅଧିକାରୀ ରାକେଶ କୁମାର ପରିଡ଼ା ମଙ୍ଗଳବାର ଏକ ସତନ୍ତ୍ର ଗାଡ଼ି ଯୋଗେ ବାହାରିଛନ୍ତି। ଜିଲାପାଳଙ୍କ ସ୍ମୃତି ରଞ୍ଜନ ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ପୌରପରିଷଦ ନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରପୁର ମହିଳା ମହାବିଦ୍ୟାଳୟରେ ନୂଆ-ଓ ପ୍ରତିଯୋଗିତା

ଛତ୍ରପୁର, ୧୬।୧(ଦିଲ୍ଲୀପ ସାମଲ)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଲାଗି ଛତ୍ରପୁର ମହିଳା ମହାବିଦ୍ୟାଳୟର ନୂତନ କ୍ୟାମ୍ପସ ପରିସରରେ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ସୁମିତା ମିଶ୍ରଙ୍କ ଅଧକ୍ଷତାରେ ନୂଆ-ଓ ଆନୁକୁଲ୍ୟରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଉପସଚିବ ଡ଼ଃ କୁଳମଣି ଓଝା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ସୁଶାନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଅଧାପିକା କବିତା ସାହୁ, ଡ଼ଃ ସୁଜାତା ବେହେରା, ଦୀପ୍ତି ନନ୍ଦ, ଅଞ୍ଜଳି ସେଠି ଓ ଗୀତାଞ୍ଜଳି ସାମନ୍ତରାୟଙ୍କ ସମେତ ବହୁ ଛାତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ, ୧୬।୧(ରାକେଶ କୁମାର ରାଉତ୍)

ଫୁଲବାଣୀ ଉଠା ଜଳସେଚନ (ଏଲ୍‌ଆଇ) ବିଭାଜନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜଳ ହେଉଛି ଅମଲ୍ୟ। ଏତେ ସବୁ ପରେ ମଧ କୃଷି କ୍ଷେତ୍ରରେ ଆମେ ଆଗୁଆ। ଏହାର ଏକ ମାତ୍ର କାରଣ ହେଉଛି ଆମର ଜଳ ପରିଚାଳନା। ଆଜି ଆମ ଜିଲାର ଫୁଲ କୋବି, ବିନ୍‌ସ, ବାଇଗଣ ସମଗ୍ର ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି। ଏବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଷ୍ଟ୍ରବେରୀ ଚାଷ ହେଉଛି। ଏସ୍‌ଏଚ୍‌ଜି ମହିଳାମାନେ ଏହା ଚାଷ କରି ଭଲ ରୋଜଗାର କରୁଛନ୍ତି। ବିଶେଷ କରି ଅଳ୍ପ ଜଳରେ ଭଲ ଅମଳ ହେଉଥିବା ଫସଲ ଆମେ କରିବା ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶନ୍ନ କୁମାର ତ୍ରିପାଠୀ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଉଠା ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ରୁଦ୍ରପ୍ରସାଦ ମିଶ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଖଜୁରିପଡା ବ୍ଲକ ଅଧକ୍ଷା ଅନୀମା କହଁର, ସହକାରୀ ମତ୍ସ୍ୟ ଅଧିକାରୀ ରୋଜିରାଣୀ ବେହେରା, ଫୁଲବାଣୀ ବ୍ଲକ କୃଷି ଅଧିକାରୀ ସୁନୀତା ମିଶ୍ର ବକ୍ତବ୍ୟ ରଖିଥିଲେ। ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଚାଷୀଙ୍କ ଉନ୍ନତି ନ ହେଲେ ଦେଶର ପ୍ରଗତି ଅସମ୍ଭବ

ଚିକିଟି, ୧୬।୧(ପ୍ରକାଶ ଚନ୍ଦ୍ର ସାହୁ)



ମନ୍ତ୍ରୀଙ୍କ ଉଦ୍‌ବୋଧନ।

ରାଜ୍ୟ ସରକାର କୃଷକମାନଙ୍କ ଉନ୍ନତି ପାଇଁ ସେଚ ବ୍ୟବସ୍ଥା ସୁଦୃଢ଼କରି ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଚାଷୀଙ୍କ ଉନ୍ନତି ନ ହେଲେ ଦେଶର ପ୍ରଗତି ଅସମ୍ଭବ ବୋଲି ମଙ୍ଗଳବାର ବାହୁଦା ଜଳସେଚନ ଉପଖଣ୍ଡ ଚିକିଟି ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଆୟୋଜିତ ଚାଷୀ ସମାବେଶରେ ଉପରୋକ୍ତ ପ୍ରସଙ୍ଗ ସ୍ଥାନ ପାଇଥିଲା। ବ୍ରହ୍ମପୁର ଅଧିକ୍ଷଣଯନ୍ତ୍ରୀ ଜଗନ୍ନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ରାଜ୍ୟ ନଗର ଗୃହ ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗଦେଇ ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଆପନା ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଘୋଡାହାଡ ଇ. ଗୋପାଳ ରାଓ, ବାଘଲଟି ସହକାରୀ ନିର୍ବାହୀଯନ୍ତ୍ରୀ ଜୟପ୍ରକାଶ ଷଡ଼ଙ୍ଗୀ, ଚିକିଟି ବାହୁଦା ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ର, ଘୋଡ଼ାହାଡ ଶୀର୍ଷକମିଟି ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ପାଣି ପଞ୍ଚାୟତ ଉପରେ ଚିକିଟି, ଦିଗପହଣ୍ଡି, ପାତ୍ରପୁର ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନେଇ ହୋଇଥିବା ରଚନା, ଚିତ୍ରାଙ୍କନ, କୁଇଜ୍, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚାନ୍ଦପୁର ପୂର୍ବତନ ସରପଞ୍ଚ ବୁଲୁ ସାହୁ, କଳବାଡ଼ ସରପଞ୍ଚ କିଶୋର ପଣ୍ଡା, ଚାଷୀ ଜୁର ପ୍ରଧାନ, ନିରଞ୍ଜନ ରେଡ଼ି, ଉମା ରେଡି, ଭୁବନେଶ୍ୱର ପ୍ରଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଖବର ପ୍ରସାରପରେ ଶିକ୍ଷକଙ୍କୁ ତାଲିମ ଅର୍ଥ ଦେଲେ ବ୍ଲକ ଶିକ୍ଷାଧିକାରୀ

**ଧରିତ୍ରୀ ପ୍ରଭାବ**

ମାଲକାନଗିରି,୧୬।୧(ଦୁର୍ଯ୍ୟୋଧନ ପାତ୍ର)

ଗତ ୧୧ ତାରିଖରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ପ୍ରାରମ୍ଭ ତାଲିମ କାର୍ଯ୍ୟକ୍ରମ ଗତ ମାର୍ଚ୍ଚରେ ବ୍ଲକର ୧୪ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରାୟ ୩୦୦ ଡେଡିକେଟେଡ୍ ଶିକ୍ଷକଙ୍କୁ ବିଭିନ୍ନ କାର୍ଯ୍ୟାଳୟରେ ତାଲିମ ଦିଆଯାଇଥିଲା। ଏଥିପାଇଁ ଓସେପା ଦ୍ୱାରା ମଧ୍ୟାହ୍ନଭୋଜନ ଓ ଯିବା ଆସିବା ଖର୍ଚ୍ଚ ବାବଦକୁ ଜଣକ ପିଛା ୧ ଶହ ଟଙ୍କା ଯୋଗାଇ ଦିଆଯାଇଛି। ଏହି ଟଙ୍କାକୁ ଦୀର୍ଘ ଦିନ ପୂର୍ବରୁ ବ୍ଲକ୍ ଆକାଉଣ୍ଟକୁ ଯୋଗାଇ ଦିଆଯାଇଥିଲେ ମଧ୍ୟ ଶିକ୍ଷକଙ୍କୁ ଦିଆଯାଇ ନ ଥିଲା। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇଲା ପରେ ମଙ୍ଗଳବାର ମାଲକାନଗିରି ବ୍ଲକ୍‌ରେ ତାଲିମ ପାଇଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ସିଆର୍‌ସିସିମାନେ ଶିକ୍ଷକମାନଙ୍କୁ କ୍ଲଷ୍ଟର କେନ୍ଦ୍ରକୁ ଡକାଇ ତାଙ୍କ ପ୍ରାପ୍ୟ ପ୍ରଦାନ କରିଛନ୍ତି ।

### ୩୦କୁ ଘୁଞ୍ଚିଲା ଭାଜପାର ଜିଲା ବନ୍ଦ ଡାକରା

ନବରଙ୍ଗପୁର, ୧୬।୧(ସଦାଶିବ ପ୍ରହରାଜ)

ବିଭିନ୍ନ ସମସ୍ୟାକୁ ନେଇ ନବରଙ୍ଗପୁର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ୧୯ ତାରିଖ ଶୁକ୍ରବାର ଜିଲା ବନ୍ଦ ଡକାରା ଦିଆଯାଇଥିଲା। ତେବେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର (ନର୍ସିଂ ଏବଂ ଓଏସ୍‌ଏସ୍‌ଇଟି) ପରୀକ୍ଷା ରହିଥିବାରୁ ଉକ୍ତ ଦିନ ଏହି ବନ୍ଦ ଡାକରାକୁ ସ୍ଥଗିତ କରାଯାଇଛି। ୩୦ ତାରିଖରେ ଜିଲା ବନ୍ଦ କରାଯିବ ବୋଲି ଜିଲା ଯୁବ ମୋର୍ଚ୍ଚାର ଶୁଭଜିତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ବୈଠକ

ଚନ୍ଦାହାଣ୍ଡି, ୧୬।୧(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗାୟତ୍ରୀ ଶକ୍ତିପୀଠ ପ୍ରାଙ୍ଗଣରେ ଫେବୃୟାରୀ ୧ରୁ ୫ ଯାଏ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ବୈଠକ ସରୋଜ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଗାୟତ୍ରୀ ପରିବାର ଜିଲା, ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟକର୍ତ୍ତା, ସମସ୍ତ ସମାଜ ସଭାପତି, ପ୍ରତ୍ୟେକ ସଙ୍ଘ ସଭାପତି, ବ୍ଲକର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଗାୟତ୍ରୀ ଶାନ୍ତିକୁଞ୍ଜ ହରିଦ୍ୱାରରୁ ୨ ତାରିଖରେ ଚିନ୍ମୟ ପଣ୍ଡ୍ୟାଙ୍କ ଆଗମନ ଓ ଶ୍ରଦ୍ଧାଳୁଙ୍କ ଦାୟିତ୍ୱ ନେବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ଶାନ୍ତିକୁଞ୍ଜର ଓଡିଶା ରାଜ୍ୟ ପ୍ରଭାରୀ ଶେଷଦେବ ବଡ଼େଇ, ସହ ପ୍ରଭାରୀ ପ୍ରଦୀପ ସାହୁ, କୋରାପୁଟ ସବଜୋନ ସଂଯୋଜକ ବାଲ୍ମୀକି ପ୍ରଧାନ, ନବରଙ୍ଗପୁର ସଂଯୋଜକ ଉପେନ୍ଦ୍ର ନାଗ, ରାୟଗଡା ଜିଲା ସଂଯୋଜକ ମନୋଜ ପଟ୍ଟନାୟକ, ନୂଆପଡା ଜିଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମେହେର, ଛତିଶଗଡରୁ ମଣି ଦିଦି, ମଧୁକର ଦାଶ, ଦୁତିବାହନ ଖମାରି, ହୁସିଆର ବିଶି, ଉପେନ୍ଦ୍ର ନାଗ, ସୋନୁ ଗୌଡ଼, ମହେନ୍ଦ୍ର ନାୟକ, ମନୋଜ ପଟ୍ଟନାୟକ ପ୍ରମୁଖଙ୍କ ସହ ଯଜ୍ଞ କମିଟି ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଓଡ଼ିଶା - ଛତିଶଗଡ଼ ମଧ୍ୟରେ ଭର୍ଚ୍ଚୁଆଲ ବୈଠକ


ବୈଠକରେ ଆଭାସୀ ମାଧ୍ୟମରେ ଆଲୋଚନା କରାଯାଉଛି ।

ମାଲକାନଗିରି, ୧୬।୧ (ଦୁର୍ଯ୍ୟୋଧନ ପାତ୍ର)

**ମାଓବାଦୀ ମୁକାବିଲା**

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ମଙ୍ଗଳବାର ଓଡ଼ିଶା -ଛତିଶଗଡ଼ ପୋଲିସ ମଧ୍ୟରେ ମାଓବାଦୀ ମୁକାବିଲା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ବେଳେ ମାଓବାଦୀ ଗତିବିଧି ଉପରେ ରୋକ୍ ଲଗାଇବା ପାଇଁ ଏଥିରେ ଆଲୋଚନା ହୋଇଥିଲା। ଗଞ୍ଜେଇ ଚୋରା ଚାଲାଣ ଓ ଅନ୍ୟାନ୍ୟ ସାମଗ୍ରୀ କାରବାର ଉପରେ ରୋକ୍ ଲଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ମାଲକାନଗିରି ଏସ୍‌ପି ନୀତେଶ ୱାଧ୍‌ୱାନି, ଏସ୍‌ଡିପିଓ ସଚିନ ପଟେଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ବିଜାପୁର ଜିଲା ଏସ୍‌ପିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଆଭାସି ମାଧ୍ୟମରେ ଯୋଡ଼ିହୋଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ଶାନ୍ତିଶୃଙ୍ଖଳା ନିର୍ବାଚନ, ମାଓବାଦୀ ଦମନ ଏବଂ ଚୋରାଚାଲାଣ ଉପରେ ରୋକ ଲଗାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ପାଣି ପଞ୍ଚାୟତ ପକ୍ଷ ପାଳିତ

ବାଲିମେଳା/ଏମ୍‌ଭି ୭୯, ୧୬।୧ (ଶିବଦତ୍ତ ସାହ/ଭିକି ବାରିକ)

ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହା ସାରା ରାଜ୍ୟରେ ପାଳିତ ହେଉଛି। ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତ ସଙ୍ଗଠନର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଏହାର ସମସ୍ତ ସଦସ୍ୟ ଓ କୃଷକ ଭାଇ ଓ ଭଉଣୀମାନଙ୍କୁ ସ୍ୱୀକୃତି ଜଣାଇବା ନିମନ୍ତେ ଏହା ଏକ ସୁନ୍ଦର କାର୍ଯ୍ୟକ୍ରମ। ସରକାର ଜଳସେଚନ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଅଧିକରୁ ଅଧିକ ଜମିକୁ ଜଳସେଚନ ସୁବିଧା କରିବା ସହ ପାଣି ପଞ୍ଚାୟତ ବ୍ୟବସ୍ଥାକୁ ମଧ୍ୟ ଆଇନଗତ ଭାବେ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ଏହା ସମସ୍ତ ଆଭିମୁଖ୍ୟର ପ୍ରଚାର ଓ ପ୍ରସାର କରିବ। ଏହି ରଥ ପରିକ୍ରମା ଆସନ୍ତା ୨୪ ତାରିଖରେ ଜିଲା ସଂସ୍କୃତି ଭବନରେ ଜିଲାସ୍ତରୀୟ ସମାରୋହ ସହ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମକୁ


ବାଲିମେଳାରେ ପାଣିପଞ୍ଚାୟତ ରଥକୁ ଉଦ୍‌ଘାଟନ କରାଯାଉଛି ।

ପୋଟେରୁ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀ, ପୋଟରୁ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସରୋଜ କୁମାର ସାହୁ,କାଡା ଅଧୀକ୍ଷଣ ଯନ୍ତ୍ରୀ ସୌରପସିଂ ମାଝି, ବୃହତ୍ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ବିକାଶ କୁମାର ପ୍ରଧାନ ,ଜିଲା କୃଷି ବୈଜ୍ଞାନିକ ଡ. ସିଦ୍ଧାନ୍ତ କର ଓ ବରିଷ୍ଠ ପ୍ରବନ୍ଧକ ବାସୁଦେବ ଗୁଡୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧୀକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ପ୍ରଧାନ ଓ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚିତ୍ରକୋଣ୍ଡା ଅଞ୍ଚଳର ସଫଳ ଚାଷୀ ସନିଆ ମାଝିଙ୍କୁ ୧୦,୦୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା । ସେହିପରି ଏମ୍‌ଭି ୭୯ ପୋଟେରୁ କେନାଲ ଡିଭିଜନ କାର୍ଯ୍ୟାଳୟରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ପ୍ରତିନିଧି ଶମ୍ଭୁ ବାଗଛି, ସମ୍ମାନିତ ଅତିଥି କାଲିମେଳା ଜୋନ୍ ୧ ଜିଲା ପରିଷଦ ସଭ୍ୟା ଅପର୍ଣ୍ଣା ମଣ୍ଡଳ, ପୋଟେରୁ ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର କୁମାର ସିଠ ସଭାପତିତ୍ୱ କରିଥିବା ବେଳେ ଆୟୋଜିତ କାର୍ଯ୍ୟକ୍ରମରେ ସବ୍ ଡିଭିଜନାଲ ଅଫିସର ସୁନିତା ପ୍ରଧାନ, ଶ୍ରୀକାନ୍ତ ନାୟକ, ସହକାରୀ ଯନ୍ତ୍ରୀ , ରୋହନ୍ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ।

# ପ୍ରେମିକ ଘର ଆଗରେ ପ୍ରେମିକାଙ୍କ ଧାରଣା

ପାପଡ଼ାହାଣ୍ଡି, ୧୬।୧(ସ୍ୱପ୍ନଜିତ ପଟ୍ଟନାୟକ)

**ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ**

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ପ୍ରେମିକ ଫେରାର ହୋଇଯାଇଥିବା ଅଭିଯୋଗରେ ନ୍ୟାୟ ପାଇଁ ତାଙ୍କ ଘର ଆଗରେ ପ୍ରେମିକା ଧାରଣା ଦେଇଥିଲେ। ନ୍ୟାୟ ନ ପାଇବାରୁ ଶେଷରେ ଯୁବତୀ ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏଭଳି ଘଟଣା ମଙ୍ଗଳବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଚାନ୍ଦଲି ଗ୍ରାମର ଗୌଡ଼ ସାହିରେ ଦେଖିବାକୁ ମିଳିଛି।

ଚାନ୍ଦଲି ଗ୍ରାମର ପବିତ୍ର ଦୋରାଙ୍କର ୮ବର୍ଷ ହେବ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ପବିତ୍ର ଗତ ଅଗଷ୍ଟରେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ନେଇ ତ୍ରିପୁରା ପଳାଇ ଯାଇଥିଲେ। ସେଠାରେ ଉଭୟେ ଏକ କମ୍ପାନୀରେ କାମ କରି ଭଡ଼ା ଘରେ ରହୁଥିଲେ। ଗତ ନଭେମ୍ବରରେ ପବିତ୍ର ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି କହିଥିଲେ। ଏହାପରେ ଉଭୟେ ନବରଙ୍ଗପୁର ଫେରି ଆସିଥିଲେ। ଏହା ପରେ ଦୁହେଁ ଅଲଗା ଅଲଗା ନିଜ ଘରକୁ ଫେରିଥିଲେ। କିଛି ଦିନ ପରେ ଯୁବତୀ ପବିତ୍ରଙ୍କୁ ତାଙ୍କ ଘରକୁ ନେବାକୁ କହିଥିଲେ। ପବିତ୍ର କିନ୍ତୁ ଯୁବତୀଙ୍କୁ ତ୍ରିପୁରା ଫେରିଯିବାକୁ ପରାମର୍ଶ ଦେଇଥିଲେ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ହେବାପରେ ସେ ମଧ୍ୟ ତ୍ରିପୁରା ଯିବେ ବୋଲି ଯୁବତୀଙ୍କୁ କହିଥିଲେ। ତାଙ୍କ କଥା ମାନି ଯୁବତୀ ଜଣଙ୍କ ତ୍ରିପୁରା ଫେରିଯାଇ ପବିତ୍ରଙ୍କୁ ଫୋନ୍ କରିବାରୁ ସେ ନବରଙ୍ଗପୁର ଆସିବାକୁ କହିଥିଲେ। ଏହାପରେ ଯୁବତୀ ଜଣଙ୍କ ନବରଙ୍ଗପୁର ପବିତ୍ରଙ୍କ ଘରକୁ ଆସିଥିଲେ। ତାଙ୍କ ଘର ଲୋକ କିନ୍ତୁ ଯୁବତୀଙ୍କୁ ତଡ଼ି ଦେଇଥିଲେ। ଯୁବତୀ ସବୁ କଥା ଘରେ ଜଣାଇ ଥିଲେ। ଯୁବତୀଙ୍କ ପରିବାର ଗାଁର କିଛି ମୁଖିଆଙ୍କ ନିକଟରେ ସମସ୍ୟା ଜଣାଇବା ପରେ ଏନେଇ ଏକ ବୈଠକ କରି ସମାଧାନ ପାଇଁ ଚେଷ୍ଟା କରାଯାଇଥିଲା। ପବିତ୍ର ଗାଁରେ ନ ଥିବାରୁ ସମସ୍ୟା ସମାଧାନ ହୋଇପାରିଲା ନାହିଁ। ଯୁବତୀ ଜଣକ ନ୍ୟାୟ ଦାବିରେ ଶୁକ୍ରବାର ଦିନରୁ ପବିତ୍ରଙ୍କ ଘର ଆଗରେ ଧାରଣା ଦେଇଥିଲେ। କିଛି ସୁଫଳ ନ ମିଳିବାରୁ ମଙ୍ଗଳବାର ସନ୍ଧ୍ୟାରେ ପାପଡ଼ାହାଣ୍ଡି ଥାନାରେ ପହଞ୍ଚି ପବିତ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ତ୍ରିପୁରାରେ ସେ ଯେଉଁ ରୋଜଗାର କରିଥିଲେ ସମସ୍ତ ଟଙ୍କା ପବିତ୍ର ନେଇ ଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ବୁଧବାର ତଦନ୍ତ କରାଯିବ ବୋଲି ଥାନାଧିକାରୀ ଦୀପକ ଜେନା କହିଛନ୍ତି।

### ପାଣି ପଞ୍ଚାୟତ ପକ୍ଷ ପାଳନ

ମାଲକାନଗିରି, ୧୬।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିରେ ମଙ୍ଗଳବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଚଳିତ ବର୍ଷ ଜାନୁଆରୀ ୧୬ ତାରିଖଠାରୁ ୩୦ ତାରିଖ ପାଳିତ ହେବ। ସରକାର ଜଳସେଚନ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଅଧିକରୁ ଅଧିକ ଜମିକୁ ଜଳସେଚନ ସୁବିଧା କରିବା ସହିତ ପାଣି ପଞ୍ଚାୟତ ବ୍ୟବସାୟକୁ ମଧ୍ୟ ଆଇନଗତ ଭାବେ ସୁଦୃଢ କରିବା ପାଇଁ ପଦ କ୍ଷେପ ନେଉଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି ଏବଂ ବେଦବର ପ୍ରଧାନ ପାଣି ପଞ୍ଚାୟତ ରଥକୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁଭାରମ୍ଭ କରିଥିଲେ। ଏହି ରଥ ଜାନୁଆରି ୧୬ ରୁ ୨୪ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାର ସମସ୍ତ ବୃହତ, ମଧ୍ୟମ ଓ କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପଗୁଡିକୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଓ ପାଣି ପଞ୍ଚାୟତ ଆଭିମୁଖ୍ୟର ପ୍ରଚାର ଓ ପ୍ରସାର କରିବ। ଏହିରଥ ପରିକ୍ରମା ଆସନ୍ତା ୨୪ ତାରିଖରେ ଜିଲା ସଂସ୍କୃତି ଭବନରେ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମରେ ଜିଲାର ବିଧାୟକ ପ୍ରତିନିଧି, ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ପୋଟେରୁ ଜଳ ସେଚନ ପ୍ରକଳ୍ପ, ବାଲିମେଲା ଅଧୀକ୍ଷଣ ଯନ୍ତ୍ରୀ, ପୋଟେରୁ ଜଳସେଚନ ବିଭାଜନ, ବାଲିମେଳା ଅଧୀକ୍ଷଣ ଯନ୍ତ୍ରୀ, ମାଟିବନ୍ଧ ଜଳସେଚନ ବିଭାଜନ, ଚିତ୍ରକୋଣ୍ଡା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ମାଲକାନଗିରି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ବୃହତ ଉଠା ଜଳସେଚନ ବିଭାଜନ ତଥା ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ମିଶନଶକ୍ତି ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ମାଲକାନଗିରି, ୧୬।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ୩୦ ସ୍ୱୟଂ ସହାୟକ ଗୋଷ୍ଠୀର ୪୨ ସଦସ୍ୟାଙ୍କୁ ନେଇ ମିଶନ ଶକ୍ତି ଆନୁକୂଲ୍ୟରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ମହିଳାମାନେ ଦକ୍ଷତା ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏହି ମୁକ୍ତା ଯୋଜନା କାର୍ଯ୍ୟକାରୀ କରିଥିବାରୁ ଧନ୍ୟବାଦ ଜଣାଇବା ସହ ପୁରୁଷମାନେ ମହିଳାମାନଙ୍କ ଉପରେ ଅତ୍ୟାଚାର, ଅବହେଳା, ନିଶାଗ୍ରସ୍ତ ହୋଇ ବିଶୃଙ୍ଖଳା ସୃଷ୍ଟି କରିବା ସହ ପରିବାରର ଆର୍ଥିକ ଦୁର୍ବଳତାକୁ ନଷ୍ଟ କରୁଥିଲେ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ସହରାଞ୍ଚଳ ଗରିବଙ୍କ ପାଇଁ ମଜୁରି ଭିତ୍ତିକ ନିୟୋଜନ ସୁଯୋଗ ସୃଷ୍ଟି ଏବଂ ଗୋଷ୍ଠୀ ସହଭାଗିତାରେ ଜଳବାୟୁ ଅନୁକୂଳ ଗୋଷ୍ଠୀ ସମ୍ପଦ ସୃଷ୍ଟି । ମୁକ୍ତା ଯୋଜନାର ରାଜ୍ୟସ୍ତରୀୟ ନୋଡାଲ ଏଜେନ୍‌ସି ଭାବେ ଅନୁମୋଦିତ କାର୍ଯ୍ୟ ଯୋଜନାର ତୃଣମୂଳସ୍ତରରେ ସଫଳ କାର୍ଯ୍ୟକାରିତା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ସମୂହ ଏବଂ ପୌର ସଂସ୍ଥା ଅଧିକାରୀମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଛନ୍ତି। ୧୮ ତାରିଖ ପର୍ଯ୍ୟନ୍ତ ହେବା ଯୋଜନା ରହିଛି। କାର୍ଯ୍ୟକ୍ରମରେ ୩୦ ଏମ୍‌ଏସ୍‌ଜିରୁ ୪୨ ସଦସ୍ୟା ମାଷ୍ଟର ଟ୍ରେନର ଭାବେ ଅଂଶଗ୍ରହଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ମାଲକାନଗିରି ନିର୍ବାହୀ ଅଧିକାରୀ, ବାଲିମେଳା, ଏନ୍‌ଏସି, ଜଳ ପ୍ରତିନିଧି, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ମାଲକାନଗିରି ଓ ମୁକ୍ତା ପ୍ରଫେସନାଲ, ମାଲକାନଗିରି ପୌର ପରିଷଦ ଏବଂ ବାଲିମେଳେ ବିଜ୍ଞାପିତ ଅଞ୍ଚଳ ପରିଷଦ ଯୋଗଦାନ କରିଥିଲେ।

# ୨ୟ ଗୁରୁପ୍ରିୟା ସେତୁ ପାଇଁ ୫ ପଞ୍ଚାୟତବାସୀଙ୍କ ଦାବି


ରାଲିରେ ବାହାରିଥିବା ୫ ପଞ୍ଚାୟତବାସୀ ।

ଚିତ୍ରକୋଣ୍ଡା, ୧୬।୧(କ୍ଷୀରୋଦ ବେହେରା)

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଅଣ୍ଡିରାପାଲ୍ଲୀ, ପଣସପୁଟ, ଯନ୍ତ୍ରୀ, ଯୋଡ଼ାମ୍ବ ଓ ନାକାମାମୁଡି ପଞ୍ଚାୟତ ୫ ଗ୍ରାମବାସୀ ସୋମବାର ଅଣ୍ଡିରାପଲ୍ଲୀ ପଞ୍ଚାୟତ ଆରାପଦର ନଦୀଘାଟଠାରେ ଏକତ୍ରିତ ହୋଇ ଆରାପଦରଠାରୁ -ମୁଦୁଲିଗୁଡ଼ା ପର୍ଯ୍ୟନ୍ତ ନଦୀ ଉପରେ ଦ୍ୱିତୀୟ ଗୁରୁପ୍ରିୟା ସେତୁ ନିର୍ମାଣ ପାଇଁ ଦାବି ଜଣାଇଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିମ୍ବ କିରସାନୀ ଓ ଡିଡାଇ ସମାଜ ସଭାପତି ବଂଶୀ ମୁଦୁଲିଙ୍କୁ ପ୍ରଦାନ କରିଥିଲେ। ସ୍ୱାଭିମାନ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦେଖି ରାଜ୍ୟ ସରକାର ୨୦୧୮ରେ ଜାନବାଇଠାରେ ଗୁରୁପ୍ରିୟା ନଦୀ ଉପରେ ବୃହତ୍ ଗୁରୁପ୍ରିୟା ସେତୁ ନିର୍ମାଣ କରିଥିଲେ। ସେତୁ ନିର୍ମାଣ ପରେ ୯ ପଞ୍ଚାୟତବାସୀ ଅନେକ ଉପକୃତ ହେଲେ। ଗାଁ ଗାଁକୁ ରାସ୍ତା ନିର୍ମାଣ ହେଲା। ୫ ପଞ୍ଚାୟତବାସୀଙ୍କ କହିବା ହେଲା ହନ୍ତାଲଗୁଡା ଘାଟି ଦେଇ ଜିଲା ସଦର ମହକୁମାକୁ ଯିବାକୁ ହେଲେ ବହୁ ଦୂର ବୁଲି ଯିବାକୁ ପଡୁଛି। ସରକାର ଯଦି ଆରାପଦର ଘାଟଠାରେ ଦ୍ୱିତୀୟ ଗୁରୁପ୍ରିୟା ସେତୁ ନିର୍ମାଣ କରନ୍ତେ ତେବେ କମ୍ ସମୟରେ ୫ ପଞ୍ଚାୟତବାସୀ ସଦର ମହକୁମାକୁ ଯାତାୟାତ କରିପାରନ୍ତେ। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ୫ ପଞ୍ଚାୟତବାସୀ ବିଶେଷ ଉପକୃତ ହୋଇପାରିବେ ବୋଲି ଦାବି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ବ୍ୟାନର ପୋଷ୍ଟର ଧରି ରାଲି କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ବିଦ୍ୟାଳୟରେ ତାଲା


ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍କୁଲ ଆଗରେ ପ୍ରତିବାଦ କରୁଛନ୍ତି ।

ମାଲକାନଗିରି, ୧୬।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବ୍ଲକ ତଣ୍ଡାପାଲ୍ଲୀ ପଞ୍ଚାୟତ ଏମ୍‌ଭି ୧୬ ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ତାଲା ପକାଇ ଦେଇଥିଲେ। ଡିସେମ୍ବର ୨୬ରେ ଗ୍ରାମବାସୀ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ସହକର୍ମୀଙ୍କୁ ଦୁର୍ବ୍ୟବହାର ଏବଂ ବିଦ୍ୟାଳୟର କୁନିକୁନି ଛାତ୍ରଙ୍କୁ ଗଛରେ ଚଢେଇ ଡାଳ କାଟିବା, ପାଣିଟାଙ୍କି ସଫା କରାଇବା, ଇଟାବୁହା କାର୍ଯ୍ୟରେ ନିୟୋଜିତ କରିବା ଏବଂ ବିଦ୍ୟୁତ୍ କାମ କରାଇବା ପ୍ରତିବାଦରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ସହ ତାଙ୍କ ବଦଳି ଦାବି କରିଥିଲେ। ଜିଲା ଶିକ୍ଷାଧିକାରୀ ମଧ୍ୟ ଏହାର ସମାଧାନ ଏକ ସପ୍ତାହ ମଧ୍ୟରେ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୫ ଦିନରୁ ଊର୍ଦ୍ଧ୍ୱ ବିତିଥିଲେ ସୁଦ୍ଧା ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନ ନେବାରୁ ଏହାକୁ ନେଇ ଗ୍ରାମବାସୀ ତାଲା ପକାଇବା ସହ ସମସ୍ୟା ସମାଧାନ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍କୁଲ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କହିଛନ୍ତି, ମାଲକାନଗିରି ବ୍ଲକ ଶିକ୍ଷାଧିକାରୀଙ୍କୁ ଏ ସମ୍ବନ୍ଧରେ କ'ଣ ପଦକ୍ଷେପ ନେଇଛନ୍ତି ଜାଣିବା ପାଇଁ ବାରମ୍ବାର ଫୋନ୍ କଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ସିଧାପ୍ରସାରଣ ହେବ

ଡାବୁଗାଁ, ୧୬।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପ୍ରଚାର, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୁଧବାର ପଞ୍ଚାୟତ ଓ ବ୍ଲକସ୍ତରରେ ଏଲଇଡି ମାଧ୍ୟମରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଲୋକମାନଙ୍କୁ ଦେଖାଯିବାର କାର୍ଯ୍ୟକ୍ରମ ରହିଛି । ବ୍ଲକସ୍ତରରେ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏଲଇଡି ଲାଗିବ। ଏଥିରେ ଉପସ୍ଥିତ ଲୋକମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସିଡିପିଓ ମିନତୀ ଦାସ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ପ୍ରଣବ ସ୍ୱର୍ଣ୍ଣକାର, ସହକାରୀ ମତ୍ସ୍ୟାଧିକାରୀ ସୁରେନ୍ଦ୍ର କାଣ୍ଡି, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଅଙ୍ଗନୱାଡି ସୁପରଭାଇଜର ରୋଜାଲିନ ପ୍ରଧାନ, ସମସ୍ତ ସରପଞ୍ଚ, ଗ୍ରାମ ରୋଜଗାର ସେବିକା ସେବକ, ଅଙ୍ଗନୱାଡି କର୍ମୀ, ଆଶା ଓ ଏମ୍‌ବିକେମାନେ ଉପସ୍ଥିତ ଥିଲେ।

# ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ଲୋକ ପ୍ରତିନିଧି

ନନ୍ଦାହାଣ୍ଡି, ୧୬।୧( ପ୍ରତୀପ କୁମାର ଦାଶ)

**ବିଡିଓଙ୍କ ମନମୁଖି କାର୍ଯ୍ୟକୁ ବିରୋଧ**

ନିର୍ବାଚିତ ଜନ ପ୍ରତିନିଧିଙ୍କୁ ସବୁ କ୍ଷେତ୍ରରେ ଅଣଦେଖା, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ସୂଚନା ଦେଉ ନ ଥିବା ଅଭିଯୋଗକରି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟକୁ ସ୍ଥାନୀୟ ଲୋକ ପ୍ରତିନିଧି ଘେରାଉ କରିଛନ୍ତି। ସେମାନେ ବିଡିଓଙ୍କ ଏଭଳି କାର୍ଯ୍ୟକୁ ବିରୋଧକରିବା ସହ ତାଙ୍କ ବଦଳି ଦାବି କରିଛନ୍ତି। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସୁନୀଲ ସାହୁ, ନବରଙ୍ଗପୁର ବିଧାୟକଙ୍କ ପ୍ରତିନିଧି ଦୟାନିଧି ବିଷୋୟୀ, ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର ଆସି ସେମାନଙ୍କୁ ବୁଝାଶୁଝା କରିଥିଲେ। ସନ୍ଧ୍ୟାରେ କୌଣସି ସୂଚନା ନ ଦେଇ ଧାରଣା ଦେଇଥିବା ଲୋକ ପ୍ରତିନିଧିମାନେ ଉଠିଯାଇଥିଲେ।

ସୂଚନାନୁଯାୟୀ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି, ଉପାଧ୍ୟକ୍ଷ ସଦନ ଗଉଡ଼ ଓ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏକାଠି ହୋଇ ବିଡିଓ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ମଙ୍ଗଳବାର ସମସ୍ତେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ତାହାକୁ ଘେରାଉ କରିଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ବାବଦରେ ଠିକ୍ ସୂଚନା ଦିଆଯାଉ ନାହିଁ। ଏଥିସହ ବୈଠକ ପୂର୍ବଦିନ ରାତିରେ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମେସେଜ କରାଯାଉଛି। ଅନେକ ମେମ୍ବରଙ୍କ ସ୍ମାର୍ଟ ଫୋନ ନ ଥିବାରୁ ସେମାନେ ବୈଠକ ବାବଦରେ ଅବଗତ ହୋଇପାରୁ ନାହାନ୍ତି ବୋଲି ଲୋକ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଏ ନେଇ ଅନେକ ଥର ବିଡିଓଙ୍କୁ ସୂଚନା ଦିଆଯିବା ସହ ଜିଲାପାଳଙ୍କୁ ଜଣାଇବା ସତ୍ତ୍ୱେ କୌଣସି ପରିବର୍ତ୍ତନ ହେଉ ନ ଥିବା ଅଭିଯୋଗ ହୋଇଛି। ବିଡିଓ ବିଭିନ୍ନ ସମୟରେ ଗାଁକୁ ଯାଇ ହିତାଧିକାରୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ନେଇ ଧାରଣାରତ ଲୋକ ପ୍ରତିନିଧି ଅଭିଯୋଗ କରିଛନ୍ତି। ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ କିନ୍ତୁ ତାଙ୍କ ବିରୋଧରେ ଲୋକ ପ୍ରତିନିଧି କରୁଥିବା ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି। ଲୋକ ପ୍ରତିନିଧିମାନେ ମାଗୁଥିବା ସମସ୍ତ ତଥ୍ୟ ଆଗାମୀ ସମିତି ବୈଠକରେ ଉପସ୍ଥାପନା କରିବେ ବୋଲି ବିଡିଓ ସାହୁ କହିଛନ୍ତି।


ଲୋକ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି।

# ମାଟ୍ରିକ୍ ଫର୍ମପୂରଣ କରିଛନ୍ତି ୨ ହଜାର ଡ୍ରପ୍‌ଆଉଟ୍

**ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ଯୋଜନା, ବାଳିକା ଶିକ୍ଷା ବିକାଶ ସମ୍ପର୍କୀୟ କର୍ମଶାଳା**

ନବରଙ୍ଗପୁର, ୧୬।୧(ସଦାଶିବ ପ୍ରହରାଜ)


କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ନବମ ଓ ଦଶମ ଶ୍ରେଣୀ ପାଇଁ ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ଯୋଜନା ଓ ବାଳିକା ଶିକ୍ଷାର ବିକାଶ ଦିଗରେ ଗଣମାଧ୍ୟମର ସମ୍ବନ୍ଧରେ ଏକ ସଚେତନତା କର୍ମଶାଳା ଜିଲା ପ୍ରଶାସନ ଓ ପିରାମଲ ପାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ନବରଙ୍ଗପୁର ମିଶନ ଶକ୍ତି ସଭା ଗୃହରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ରାଜସ୍ୱ ନବୀନ ଚନ୍ଦ୍ର ନାୟକ କର୍ମଶାଳାର ଉଦ୍‌ଘାଟନ କରି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ଆଲୋଚ୍ୟ ବିଷୟରେ ମତ ଦେଇ ଗଣମାଧ୍ୟମର ପୂର୍ଣ୍ଣ ସହଯୋଗ କାମନା କରିଥିଲେ। ଛାତ୍ରୀଛାତ୍ର ହାର ନ ମାନି ଦୃଢ଼ ଆତ୍ମ ବିଶ୍ୱାସର ସହିତ ଆଗକୁ ବଢିବା ପାଇଁ ସେ ପରାମର୍ଶ ଦେଇଥିଲେ।

ପ୍ରାକ୍ ମାଟ୍ରିକ୍ ଛାତ୍ର ବୃତ୍ତି ପାଇଁ ଜନ୍ମ ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ର, ଆଧାର କାର୍ଡ, ଅଭିଭାବଙ୍କ ଆୟ ପ୍ରମାଣ ପାତ୍ର(ବାର୍ଷିକ ୨ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ହୋଇ ନଥିବ), ଆଧାର ସଂଯୋଗ ବ୍ୟାଙ୍କ ଖାତା ପ୍ରମୁଖ ପ୍ରଦାନ କରିବାକୁ ହେବ ବୋଲି ଡିଇଓ ପ୍ରଦୀପ କୁମାର ନାଗ ସୂଚନା ଦେଇଛନ୍ତି। ଦିବାଧାୟୀ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ବାର୍ଷିକ ୩ ହଜାର ଓ ଅନ୍ତେବାସୀଙ୍କ ପାଇଁ ୬ ହଜାର ୨୫୦ ଟଙ୍କା, ଅନୁସୂଚିତ ଜାତି ଦିବାଧାୟୀ ଛାତ୍ରୀ ଛାତ୍ରଙ୍କ ପାଇଁ ୩ ହଜାର ୫ଶହ ଟଙ୍କା ଓ ଅନ୍ତେବାସୀଙ୍କ ପାଇଁ ୭ ହଜାର ବୃତ୍ତି ଟଙ୍କା ମିଳିବ। ସେହିଭଳି ଅନ୍ୟାନ୍ୟ ପଛୁଆବର୍ଗ, ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଦିବାଧାୟୀଙ୍କ ପାଇଁ ୪ ହଜାର ଓ ଅନ୍ତେବାସୀଙ୍କ ପାଇଁ ୪ ହଜାର ଟଙ୍କା, ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଦିବାଧାୟୀ ବର୍ଗ (ସାଧାରଣ ବର୍ଗ)ଙ୍କ ପାଇଁ ୪ ହଜାର ଓ ଅନ୍ତେବାସୀଙ୍କ ପାଇଁ ୪ ହଜାର ଟଙ୍କା ପ୍ରଦାନ କରାଯିବାକୁ ସରକାରୀ ପ୍ରାବଧାନ ରହିଛି। ଅନ୍ୟ ପଛୁଆବର୍ଗ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ ଓ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ) ଛାତ୍ରୀଛାତ୍ରମାନେ କେବଳ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ହିଁ ଛାତ୍ର ବୃତି ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ସୂଚନା ମିଳିଛି। ୧୦ମରୁ ପାଠ ଛାଡି ଦେଇଥିବା ୨ ହଜାର ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ମାଟ୍ରିକ ପରିକ୍ଷା ପାଇଁ ଫର୍ମ ଫିଲପ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହି ଯୋଜନାର ପ୍ରଚାରପ୍ରସାର କରିବାକୁ ଏଡିଡବ୍ଲ୍ୟୁଓ ନିବେଦିତା ବିଶ୍ୱାଳ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ଶିକ୍ଷା ବର୍ଷ ୨୦୨୩ -୨୪ ବର୍ଷ ପାଇଁ ଆବେଦନ ପ୍ରକ୍ରୀୟା ୧୫ ଡିସେମ୍ବର ୨୦୨୩ରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷଙ୍କ ମାଧ୍ୟମରେ ଆରମ୍ଭ ହୋଇ ଯାଇଛି। ପରିମଲ ପାଉଣ୍ଡେସନର ଦେବବ୍ରତ ଆଚାର୍ଯ୍ୟ କର୍ମଶାଳାର ପରିଚାଳନା କରିଥିଲେ। ଡ୍ରପଆଉଟ ପରେ ପୁଣି ପାଠ ପ୍ରତି ଆଗ୍ରହ ପ୍ରକାଶ କରି ଏବେ କଲେଜରେ ପଢୁଥିବା ଛାତ୍ରୀ ଗୁରୁବାରି ଭତରା, କୁନି ଜାନୀ ଓ ପ୍ରାର୍ଥନା ମିଶ୍ର ଅନୁଭୂତି ପ୍ରକାଶ କରିଥିଲେ। ସେମାନଙ୍କୁ ସମସ୍ତ ପ୍ରକାଶ ସୁବିଧା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। କର୍ମଶାଳାରେ ଡିଆଇପିଆର୍‌ଓ ହଳଧର ନିଆଲ, ପିରାମଲ ଫାଉଣ୍ଡେଶନ ସିଇଓ ସଂଜୟ ସିଂ ଓ ଜୟ ଡାନିୟାଲ ପ୍ରଧାନ, ସମସ୍ତ କର୍ମକର୍ତ୍ତା, ଜିଲାସ୍ତରୀୟ ଅଧିକାରୀ ଓ ଖବରଦାତା ଯୋଗ ଦେଇଥିଲେ।

